# ୬ଦିନ ହେଲା ଗୃହବନ୍ଦୀ ୭ ପରିବାର

କିଶୋରନଗର,୧୫ ।୬(ସମିସ):

ଆଠମଲ୍ଲିକ ବ୍ଲକ୍ ଲୁଣହାଣ୍ଡି ପଞ୍ଚାୟତ ତେଲିନାଳୀ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଘରକୁ ସଂଯୋଗ କରୁଥିବା ରାସ୍ତାକୁ ବିଲ କରି ଦେବାରୁ ପ୍ରାୟ ୭ ପରିବାର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛନ୍ତି। ସେମାନଙ୍କୁ ଘରକୁ ଯିବାପାଇଁ ରାସ୍ତା ନ ଥିବାବେଳେ ଜରୁରୀକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ମଧ୍ୟ ପହଞ୍ଚିପାରିବ ନାହିଁ। ଏପରିକି ସ୍କୁଲ୍ ଖୋଲିବା ପରେ ପିଲାମାନେ ପାଠ ପଢ଼ିବାକୁ ମଧ୍ୟ ଯାଇପାରିବେ ନାହିଁ। ଅଭିଯୋଗ ଅନୁଯାୟୀ, ଗ୍ରାମର ମନଗିରା ସାହିକୁ ଯାତାୟାତ ପାଇଁ ଦୀର୍ଘ ବର୍ଷରୁ ଏକ ସରକାରୀ ରାସ୍ତା ଥିଲା। ସେଠାରୁ ତାଙ୍କ ଘରକୁ ଯିବା ପାଇଁ ନିଜସ୍ୱ ଜମିରେ ରାସ୍ତା ନିର୍ମାଣ ହୋଇଛି। ମାତ୍ର ସରକାରୀ ରାସ୍ତାକୁ ସେହି ଗ୍ରାମର କିଛି ବ୍ୟକ୍ତି ଗତ ୧୦ ତାରିଖ ଚାଷ କରିବା ପାଇଁ ବିଲରେ ପରିଣତ କରିଛନ୍ତି। ଯାତାୟାତ କରିବାକୁ କୌଣସି ରାସ୍ତା ଛାଡ଼ିନାହାନ୍ତି। ଫଳରେ ସେମାନେ ବାହ୍ୟଜଗତରୁ ଏକପ୍ରକାର ବିଚ୍ଛିନ୍ନ ହୋଇଥିବା ଶୁକ୍ରବାର ଉପଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିବା ସହ



ଇ-ମେଲ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି। କୌଣସି ଜରୁରୀ ପରିସ୍ଥିତି ଉପୁଜିଲେ ଆମ୍ବୁଲାନ୍ସ, ଦମକଳ ଓ ଅନ୍ୟାନ୍ୟ ସୁବିଧା ପହଞ୍ଚି ପାରିବ ନାହିଁ ବୋଲି କ୍ଷୋଭର ସହ ଜଣାଇଛନ୍ତି। ଏପରିକି ଆଗକୁ ବର୍ଷାଦିନ ଆସୁଥିବାରୁ ସ୍ଥିତି ଅଧିକ ସଙ୍ଗୀନ ହେବ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। କାଦୁଅରେ ପିଲାମାନେ ସ୍କୁଲ୍ ଯିବା ଅସମ୍ଭବ ହେଲେ ସେମାନେ ପାଠପଢ଼ାରୁ ବଞ୍ଚିତ ହେବେ। ଏଣୁ ବର୍ଷା ପୂର୍ବରୁ ସରକାରୀ ରାସ୍ତାକୁ ଜବରଦଖଲମୁକ୍ତ କରି ଗମନାଗମନ ଉପଯୋଗୀ କରିବାକୁ ସେମାନେ ଦାବି କରିଛନ୍ତି। ଏହାସହ ଜବରଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଅନ୍ୟଥା ସେମାନେ ଆତ୍ମାହୁତି ପରି ଚରମ ପଦକ୍ଷେପ ନେବେ ବୋଲି ରତ୍ନମଞ୍ଜରୀ ମନଗିରା, ଅପ ମନଗିରା, କୁନି

- **ସରକାରୀ ରାସ୍ତାକୁ କରିଦେଲେ କ୍ଷେତ**
- **ମୁଖ୍ୟମନ୍ତ୍ରୀ ଓ ଉପଜିଲ୍ଲାପାଳଙ୍କୁ ଫେରାଦ ହେଲେ ପୀଡ଼ିତ**

ମନଗିରା ପ୍ରମୁଖ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଅଭିଯୋଗ ସମ୍ପର୍କରେ ଉପଜିଲ୍ଲାପାଳ ଉପେନ୍ଦ୍ର ଲୋହା କହିଛନ୍ତି ଯେ ଘଟଣା ସମ୍ପର୍କରେ ସେ ଅବଗତ ଅଛନ୍ତି। ନିଜେ ଘଟଣାସ୍ଥଳ ପରିଦର୍ଶନ କରି ତ୍ୱରିତ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

## ■ ଜଙ୍ଗଲରେ ବ୍ରାଉନ୍‌ସୁଗର କାରବାର
# ୫ ଗିରଫ, ବୁଲେଟ୍ ଜବତ




ଛେଣ୍ଡିପଦା,୧୫ ।୬(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା କୋଶଳା ଚନ୍ଦନନଗର ନିକଟ ଜଙ୍ଗଲରେ ବ୍ରାଉନ୍‌ସୁଗର କାରବାର ଚାଲିଥିବା ବେଳେ ପୁଲିସ ଚଢ଼ଉ କରି ବିପୁଳ ପରିମାଣର ବ୍ରାଉନ୍‌ସୁଗର ଜବତ କରିଛି। ସେଠାରୁ ୫ ଜଣଙ୍କୁ ଗିରଫ କରିଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଛେଣ୍ଡିପଦା ଥାନା ପୁଲିସ ଓ ସ୍ୱତନ୍ତ୍ର ସ୍କ୍ୱାଡ୍ ଅଚାନକ ଚଢ଼ଉ କରି କୋଶଳା ଗ୍ରାମ ନିକଟ ଜଙ୍ଗଲରୁ ଗାଇଖାଇସାହିର ପପୁନ ସାହୁ ଓ କଂସନାଳି ଗ୍ରାମର ସନ୍ଦୀପ ପ୍ରଧାନଙ୍କ ଅଟକ ରଖିଥିଲା। ପୁଲିସ ସେମାନଙ୍କ ପକେଟରୁ ଏକ ଜରି ପ୍ୟାକେଟରେ ଥିବା ୧୧ଗ୍ରାମ ୫୯୦ ମିଲି ଗ୍ରାମ ବ୍ରାଉନସୁଗର, ୧୫ ହଜାର ୩୭୦ଟଙ୍କା ଓ ଏକ ବୁଲେଟ ବାଇକ୍ ଜବତ କରିଥିଲା। ସେମାନଙ୍କ ବୟାନ ଆଧାରରେ ପୁଲିସ ଅନୁଗୋଳ ଥାନା ଅଞ୍ଚଳର ଦୀପକ ପ୍ରଧାନ, କୁରେଶା ବିବି ଓ କାଜଲ ପରବିନଙ୍କୁ ଗିରଫ କରିଛି। ଗିରଫଙ୍କ ମଧ୍ୟରେ ଦୁଇ ମହିଳା ଅଛନ୍ତି। ଏନେଇ ଥାନାରେ ମାମଲା ରୁଜୁ କରିବା ସହିତ ୫ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଆଗାମୀ ଦିନରେ ଏଭଳି ବେଆଇନ କାରବାର ଉପରେ ଆହୁରି କଡ଼ା କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଆଇଆଇସି ଦିଗ୍‌ବିଜୟ ବିଶ୍ୱାଳ ସୂଚନା ଦେଇଛନ୍ତି।

## ଟ୍ରକ ଧକ୍କାରେ ଜଣେ ମୃତ

କିଶୋରନଗର,୧୫ ।୬(ସମିସ): ୫୫ ନମ୍ବର ଜାତୀୟ ରାଜପଥର କିଶୋରନଗର ବ୍ଲକ ହଣ୍ଡପା ଥାନା ନାକଚି ଛକରେ ଦ୍ରୁତଗତିରେ ଅନୁଗୋଳରୁ ଆସୁଥିବା ଏକ ଟ୍ରକ



ଧକ୍କାରେ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତ ଚାଷୀ ହେଲେ ନାକଚିର ଇନ୍ଦ୍ରମଣି ସାହୁ (୫୨)। ଇନ୍ଦ୍ରମଣି ଆଜି ସକାଳେ ନିଜ ଗୋରୁଙ୍କୁ ରାଜପଥ ପାର୍ କରାଉଥିବା ବେଳେ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ପୁଲିସ ମୃତଦେହ ସହ ଟ୍ରକ ଜବତ କରି ତଦନ୍ତ ଚଳାଇଛି।

## ଜିଲ୍ଲା ଟ୍ରକ ମାଲିକ ସଙ୍ଘ ସାଧାରଣ ସମ୍ପାଦକଙ୍କୁ ଆକ୍ରମଣ

● ବନ୍ଧୁକ ଦେଖାଇ ଲୁଟପାଟ



ଅନୁଗୋଳ,୧୫ ।୬(ସମିସ): ଅନୁଗୋଳ ଜିଲ୍ଲା ଟ୍ରକ ମାଲିକ ସଙ୍ଘ ସାଧାରଣ ସମ୍ପାଦକ ତଥା ଓକିଲ ରଜତ କୁମାର ମହାପାତ୍ରଙ୍କୁ କେତେକ ଯୁବକ ଆକ୍ରମଣ କରିବାସହ ବନ୍ଧୁକ ଦେଖାଇ ତାଙ୍କଠାରୁ ଲୁଟପାଟ କରିଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଶନିବାର ପୂର୍ବାହ୍ନରେ ରଜତ ପଞ୍ଚମହଲା ନିକଟ ଥିବା ଏକ ଗ୍ୟାରେଜକୁ ଯାଇଥିଲେ। ସେଠାରେ ସେ ବସିଥିବା ବେଳେ ସ୍ଥାନୀୟ କେତେକ ଯୁବକ ତାଙ୍କୁ ମାଡ଼ ମାରିଥିଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ମାଡ଼ ମାରିବାପରେ ଦୁର୍ବୃତ୍ତମାନେ ତାଙ୍କୁ ଏକ କାର୍ ଯୋଗେ ଅପହରଣ କରିବାକୁ ଉଦ୍ୟମ କରିଥିଲେ। ସେହିପରି ତାଙ୍କ ବେକରେ ବନ୍ଧୁକ ରଖି ୩୫ ଗ୍ରାମ ଓଜନର ସୁନାଚେନ୍, ଗୋଟିଏ ସୁନାମୁଦି, ୩୫ ହଜାର ଟଙ୍କା ଓ ଆଇଫୋନ୍ ଛଡ଼ାଇ ନେଇଥିଲେ। ପରେ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇ ଦୁର୍ବୃତ୍ତମାନେ ପଳାଇଯାଇଥିଲେ ବୋଲି ରଜତ ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣା ପରେ ଖବର ପାଇ ଟ୍ରକ ମାଲିକ ସଙ୍ଘର କିଛି ସଦସ୍ୟ ଘଟଣାସ୍ଥଳରେ ପହଞ୍ଚି ରଜତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବା ସହ ପୁଲିସକୁ ଖବର ଦେଇଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଅଦ୍ୱିକା କିଶୋରୀ ସୁଭଦ୍ରା ଦିବସ ଓ ରଜ ଉତ୍ସବ କାର୍ଯ୍ୟକ୍ରମ



କାମାକ୍ଷାନଗର,୧୫ ।୬(ସମିସ): କଙ୍କଡ଼ାହାଡ଼ ବ୍ଲକ କଣ୍ଟାପାଳ ପଞ୍ଚାୟତ ଅନ୍ତର୍ଗତ କଣ୍ଟାପାଳ ଠାରେ କଙ୍କଡ଼ାହାଡ଼ ପ୍ରକଳ୍ପ ସ୍ତରୀୟ ଅଦ୍ୱିକା କିଶୋରୀ ସୁଭଦ୍ରା ଦିବସ ପାଳନ ଓ ରଜ ଉତ୍ସବ ଅନୁଷ୍ଠିତ ହୋଇଛି। କଙ୍କଡ଼ାହାଡ଼ ସମନ୍ୱିତ ଶିଶୁ ବିକାଶ ବିଭାଗ ଅଧିକାରୀ ଜୟନ୍ତୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ସାହୁ, ପୂର୍ବତନ ସରପଞ୍ଚ ଲୋକନାଥ ସିଂହ, ମହିଳା ଓ ଶିଶୁ ବିକାଶ ବିଭାଗ ଜିଲ୍ଲା ସଂଯୋଜକ ଅଶୋକ କୁମାର ରାଉଳ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ କିଶୋରୀମାନଙ୍କ ସମଗ୍ର ଜୀବନ କୌଶଳ ଶିକ୍ଷା ଉପରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଯୁବ ସହଭାଗୀତା ଓ ସାଂସ୍କୃତିକ ସମ୍ବନ୍ଧକୁ ସମୃଦ୍ଧ କରିବା ପାଇଁ ଏହି କାର୍ଯ୍ୟକ୍ରମକୁ ରଜ ଉତ୍ସବ ସହିତ ସମନ୍ୱୟ କରାଯାଇଛି। ଏହି ସମନ୍ୱୟ ମାଧ୍ୟମରେ କିଶୋରୀମାନଙ୍କ ସ୍ୱର, ସ୍ୱପ୍ନ ଓ ଅଧିକାରକୁ ଏକ ଉତ୍ସବମୟ ଓ ସଶକ୍ତ ମଞ୍ଚ ମିଳିପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଓଡ଼ିଶାର ଗଣପର୍ବ ରଜ ହୋଇଥିଲା ବେଳେ ରଜ ପର୍ବ ଭଳି ଅନେକ ପର୍ବପର୍ବାଣୀ ବିଲୁପ୍ତ ପ୍ରାୟ। ଆମ ସଂସ୍କୃତି ଲୋପ ପାଇବାରେ ଲାଗିଥିଲା ବେଳେ ଏହାକୁ କିଭଳି ପୂର୍ବଭଳି ଜନମାନସରେ ଆଦୃତ କରାଯାଇପାରିବ ସେଥିପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ କିଶୋରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ସମନ୍ୱିତ ଶିଶୁ ବିକାଶ ବିଭାଗର ସୁପରଭାଇଜର ପୂଜା ନନ୍ଦ, ଦୀପ୍ତିଲତା ନାୟକ, ଭାରତୀ ସିଂହ, ପରିସଂଖ୍ୟାନ ସହାୟକ ରବିନାରାୟଣ ଭୋଇ, ବରିଷ୍ଠ କିରାଣି ଶ୍ୟାମସୁନ୍ଦର ପଲେଇ, ସଂଗ୍ରାମ ମଲ୍ଲିକ, ମନିଷ ପ୍ରଧାନ, ରିକୁ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ବିଶ୍ୱ ରକ୍ତଦାତା ଦିବସରେ କ୍ଷୀରୋଦ ସମ୍ବର୍ଦ୍ଧିତ




ତାଳଚେରସହର,୧୫ ।୬(ସମିସ): ତାଳଚେର ଅନନ୍ତ ବିହାର କଲୋନୀ ପରିସରରେ ଥିବା ଗ୍ରୀନ ଭାଲି କ୍ଲବରେ ଏମସିଏଲ ଆମ୍ବୁଲାନ୍ସ ଡିଭିଜନ ଜଗନ୍ନାଥ ଏରିଆ ପକ୍ଷରୁ ବିଶ୍ୱ ରକ୍ତଦାତା ଦିବସ ପାଳନ ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ତାଳଚେରର ସମାଜସେବୀ କ୍ଷୀରୋଦ ସାହୁଙ୍କୁ ସ୍ୱେଚ୍ଛାକୃତ ରକ୍ତଦାତା ଭାବେ ସମ୍ବର୍ଦ୍ଧିତ କରାଯାଇଛି। ଏହି ସଭାରେ ମୁଖ୍ୟଅତିଥି ଭାବେ ଜଗନ୍ନାଥ ଏରିଆର ଜିଏମ୍ ଅଶୋକ କୁମାର ଧଳ ଯୋଗଦେଇ ସାହୁଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମୁକୁଟ ଓ ବୃକ୍ଷ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନନ୍ତ କୋଇଲା ଖଣିର ପ୍ରକଳ୍ପ ଅଧିକାରୀ ଯଶୋବନ୍ତ ପଟ୍ଟନାୟକ, ବରିଷ୍ଠ ନାଗରିକ ଚୈତ୍ୟନ ପ୍ରଧାନ, ଆମ୍ବୁଲାନ୍ସ ଡିଭିଜନ ତାଳଚେରର କମାଣ୍ଡର ଦୀନବନ୍ଧୁ ପ୍ରଧାନ ଉପସ୍ଥିତ ଥିଲେ। ସାହୁ ବିଭିନ୍ନ ଜିଲ୍ଲା ମେଡିକାଲ୍ ସମେତ ଅନେକ ରକ୍ତଦାନ ଶିବିରରେ ୬୬ଥର ରକ୍ତଦାନ କରିବା ସହ ରୋଗୀମାନଙ୍କ ରକ୍ତ ଅବଶ୍ୟକ ପଡ଼ିଲେ ଡୋନର ଯୋଗାଡ଼ କରି ରକ୍ତଦାନ କରି ଜୀବନ ବଞ୍ଚାଇବାରେ ସହାୟକ ହୋଇ ପାରିଛନ୍ତି।

## ରାତ୍ରିକାଳୀନ ପବିତ୍ର ମୋହନ କ୍ରିକେଟ ଟୁର୍ଣ୍ଣାମେଣ୍ଟ



କଣିହାଁ,୧୫ ।୬(ସମିସ): କଣିହାଁ ବ୍ଲକ ପବିତ୍ରନଗର ମିନି ଷ୍ଟାଡିୟମରେ ପବିତ୍ରନଗର କ୍ଲବ ତରଫରୁ ରବିବାର ଏକ ରାତ୍ରିକାଳୀନ ଦିନିକିଆ ପବିତ୍ର ମୋହନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ପୂଜାର୍ଚ୍ଚନା କରାଯାଇ ଟୁର୍ଣ୍ଣାମେଣ୍ଟ ଉଦଘାଟନ କରାଯାଇଥିଲା। ଏଥିରେ ମୋଟ ୧୨ ଦଳ ଯୋଗଦେଇଥିଲେ। ରାତିରେ ସର୍ଟ ସର୍କଲରେ ଖେଳାଯାଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ଗହମ ଦଳ ଚାମ୍ପିଅନ ଓ ଶିପୁର ଦଳ ରନର୍ସଅପ ହୋଇଛି। ବିଜୟୀ ଦଳର ମିଥୁନ ବେହେରା ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ଓ ପ୍ରକାଶ ଚନ୍ଦ୍ର ବେହେରାଙ୍କୁ ମ୍ୟାନ ଅଫ ଦି ଫାଇନାଲ ପୁରସ୍କାର ଦିଆଯାଇଥିଲା। ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ମିଟୁନ ଜେନାଙ୍କୁ ସମ୍ମାନିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ପ୍ରଫୁଲ୍ଲ ମିଶ୍ର ଓ ପ୍ରବୀଣ ସାହୁ ଯୋଗଦେଇ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ସୁବ୍ରତ ବିଶ୍ୱାଳ, ଦୀପକ ସାହୁ, ଆଶିଷ ପ୍ରଧାନ, ସୁଶାନ୍ତ ପ୍ରଧାନ, ଚନ୍ଦନ ପ୍ରଧାନ, ସୁବାସ ବେହେରା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ସାପ କାମୁଡ଼ାରେ ଜଣେ ମୃତ

କାମାକ୍ଷାନଗର,୧୫ ।୬(ସମିସ): କଙ୍କଡ଼ାହାଡ଼ ଥାନା ଉର୍ବେଙ୍ଗି ଗ୍ରାମର ମଞ୍ଜରୀ ସିଂହ (୭୫)ଙ୍କର ରବିବାର ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ମଞ୍ଜରୀ ଘରେ ପିନ୍ଧାଲୁଗା ଶୁଖାଉଥିବା ବେଳେ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତାଙ୍କ ବିୟୋଗରେ ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ ଶୋକବ୍ୟକ୍ତ କରିବା ସହିତ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି।

## ସ୍କୁଲ ବସ୍‌ରୁ ଡିଜେଲ ଚୋରି

ବଆଁରପାଳ,୧୫ ।୬(ସମିସ): ବଆଁରପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨ଟି ବସ୍‌ରୁ ଡିଜେଲ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଖରାଛୁଟି ଯୋଗୁଁ ସ୍କୁଲ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଛୁଟିରେ ଥିଲେ। କେବଳ ରାତ୍ର ଜଗୁଆଳ ଡ୍ୟୁଟି କରୁଥିଲେ। ୧୪ ତାରିଖ ରାତିରେ ସ୍କୁଲ ପ୍ରାଙ୍ଗଣରେ ଥିବା ଦୁଇ ବସ୍‌ରୁ ୬୦ରୁ ଊର୍ଦ୍ଧ୍ୱ ଲିଟର ଡିଜେଲ ଚୋରିକରି ନେଇଯାଇଛନ୍ତି। ସକାଳେ ଡ୍ରାଇଭର ଗାଡ଼ି ଷ୍ଟାର୍ଟ୍ କରିବା ପାଇଁ ଯାଇଥିବା ବେଳେ ତାଲା ଭଙ୍ଗା ଯାଇ ଡିଜେଲ ଚୋରି ହୋଇଥିବା ଜାଣିଥିଲେ। ଏ ନେଇ ପ୍ରଧାନଆଚାର୍ଯ୍ୟ ଧର୍ମାନନ୍ଦ ସାହୁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଅନୁସନ୍ଧାନ ଆରମ୍ଭ କରିଛି।

## ନିଖୋଜ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

କାମାକ୍ଷାନଗର,୧୫ ।୬(ସମିସ): କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ୍ ଥାନା ଘାଗରାମୁଣ୍ଡା ପଞ୍ଚାୟତ କଟୁମୁଣ୍ଡା ଗ୍ରାମର ପାର ବାଘ (୭୯) ନିଖୋଜ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପାର ବାଘ ଗତ ମେ ୨୨ରେ ନିଖୋଜ ହୋଇଥିବାବେଳେ ପରିବାର ଓ ସମ୍ପର୍କୀୟ ଖୋଜାଖୋଜି କରିଥିଲେ। ତେବେ ତାଙ୍କ ସନ୍ଧାନ ନ ମିଳିବାରୁ ପୁଅ ସତ୍ୟାନନ୍ଦ ବାଘ ମେ ୨୬ରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ସୋମବାର କଟୁମୁଣ୍ଡା ଗ୍ରାମ ନିକଟ ସିନ୍ଦୂରିଆ ପାହାଡ଼ ପାଦଦେଶ ଜଙ୍ଗଲରେ ପାରଙ୍କ ମୃତଦେହ ପଡ଼ିଥିବା ପରିବାର ଲୋକେ ଚିହ୍ନଟ କରି ପୁଲିସକୁ ଖବର ଦେଇଥିଲେ। ଥାନା ଅଧିକାରୀ କାଶୀନାଥ ହାଁସଦା, ଏସଆଇ ଶୈଳବାଳା ମଲ୍ଲିକଙ୍କ ସହ ପୁଲିସ ଟିମ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ପରିବାର ଓ ସମ୍ପର୍କୀୟଙ୍କ ସହାୟତାରେ ମୃତଦେହ ନିକଟରେ ଥିବା ଶାଢ଼ି, ଖଡ୍ଡୁ, ଚପଲ, ମାଳୀ, ପାନବଟୁଆ ପାରଙ୍କର ବୋଲି ପୁଲିସ ଉପସ୍ଥିତରେ ଚିହ୍ନଟ ହୋଇଥିଲା। ପୁଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଜିଲ୍ଲା ପରିଷଦ ସଭ୍ୟ ନବକିଶୋର ସାହୁ, ଘାଗରାମୁଣ୍ଡା ସରପଞ୍ଚଙ୍କ ପ୍ରତିନିଧି ନିରଞ୍ଜନ ନାଏକ ପ୍ରମୁଖ ପୁଲିସ ସହିତ ଘଟଣାସ୍ଥଳକୁ ଯାଇ ତଦାରଖ କରିଥିଲେ। ଏ ନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।



# ବିଗୁଡ଼ୁଛି ସ୍ଥିତି, ବାୟୁ ପାଲଟୁଛି ବିଷ

ତାଳଚେର,୧୫ ।୬(ସମିସ):

ତାଳଚେରରେ ଗଢ଼ି ଉଠିଥିବା ଖଣିଖାଦାନ, ଶିଳ୍ପାନୁଷ୍ଠାନ, ମାତ୍ରାଧିକ ଯାନବାହାନ ଇତ୍ୟାଦିଗୁଡ଼ିକ ବାୟୁମଣ୍ଡଳର ସନ୍ତୁଳନକୁ ବିଗାଡ଼ି ଚାଲିଛନ୍ତି। ବିଷ ପାଲଟିଲାଣି ଏଠାକାର ବାୟୁ। ସ୍ଥିତି ଏଭଳି ହେଲାଣି ଯେ ଆଖି ଜଳପୋଡ଼ା ହେବା ସହ ନିଃଶ୍ୱାସ ନେବା କଷ୍ଟକର ହୋଇପଡ଼ିଛି। ତାଳଚେରରେ ଆଉ ପ୍ରକୃତିର ବାତାବରଣ ସଠିକ ଢଙ୍ଗରେ ପରିଚାଳନା ହେଉନାହିଁ। ପୂର୍ବରୁ ଅଞ୍ଚଳରେ ଉପରମୁହାଁ ହେଲେ ସିଧାସଳଖ ନୀଳବର୍ଣ୍ଣର ଆକାଶ ଦେଖାଯାଉଥିଲା। କିନ୍ତୁ ବର୍ତ୍ତମାନ ତାଳଚେର ବକ୍ଷରେ ଠିଆହୋଇ ଉପରକୁ ଚାହିଁଲେ ଆକାଶକୁ କଳାରଙ୍ଗର ଆସ୍ତରଣ ଢାଙ୍କି ରଖିଲା ଭଳି ଦେଖାଯାଉଛି। ପୂର୍ବରୁ ଲୋକଙ୍କ ଚାଳଛପର ଘର ଥିଲା ଏବଂ ଯଦି ସେହି ଚାଳଛପର ଘର ଉପରେ କଣାଟିଏ ଥାଏ ତେବେ ସେହି କଣା ଦେଇ ସୂର୍ଯ୍ୟଙ୍କ



ଯେଉଁ ଆଲୋକ ପଡ଼ିଥାଏ ସେଥିରେ ଦେଖିହୁଏ ଯେ ଘର ଭିତରେ ରହିଥିବା ବାୟୁରେ ମିଶିଥିବା ଧୂଳିକଣା। ତାହାର ମାତ୍ରା ମାପିବାର ଯନ୍ତ୍ର ନ ଥିଲେ ମଧ୍ୟ ଜାଣିହୁଏ। ପୂର୍ବପରି ସବୁଜ ବୃକ୍ଷଭରା ତାଳଚେର ଏବେ ପ୍ରଦୂଷଣ ବଳୟରେ ଜର୍ଜରିତ। ସରକାରୀ ଓ ବେସରକାରୀ ରିପୋର୍ଟ ଅନୁସାରେ ବାୟୁ ଗୁଣବତ୍ତା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ବାୟୁମଣ୍ଡଳର ନିରବଚ୍ଛିନ୍ନ ଅମ୍ଳଜାନ, ଅଙ୍ଗାରକାମ୍ଳ, ଯବକ୍ଷାରଜାନ, ଉଦଜାନ ଆଦି ଫେଣ୍ଟି ହୋଇଗଲାଣି, ଯାହା ବାୟୁମଣ୍ଡଳକୁ ବିଷାକ୍ତ କରିବାରେ ମୁଖ୍ୟ ଭୂମିକା ନିର୍ବାହ କରୁଛି। ଶୀତ, ଖରା, ବର୍ଷା ଚାରି ଚାରି ମାସ ହୋଇଥିଲେ ହେଁ ତାହା ସମ୍ପୂର୍ଣ୍ଣ ଭାବେ ପରିଚାଳିତ ହୋଇ ପାରୁନାହିଁ। ଏହାର ମୁଖ୍ୟ କାରଣ ଜଙ୍ଗଲ କ୍ଷୟ ସହିତ ଉତ୍ତପ୍ତ ବାୟୁମଣ୍ଡଳ ଯାହା ପ୍ରକୃତିର ପରିଚାଳନାରେ ବାଧାସୃଷ୍ଟି କରୁଛି। ଆହୁରି ମଧ୍ୟ ତାଳଚେରରେ କାଗଜକଲମରେ ଚାରାରୋପଣ କରାଯାଉଛି। ସବୁଠୁ ଚିନ୍ତାର କଥା ହେଉଛି ପ୍ରଦୂଷଣ। ଏପରି ସମସ୍ୟା ଯୋଗୁଁ ଯଥାସମ୍ଭବ ଲୋକଙ୍କୁ ଘରେ ରହିବାକୁ ଡାକ୍ତରମାନେ ପରାମର୍ଶ ମଧ୍ୟ ଦେଉଛନ୍ତି। ବିଶେଷକରି ଶ୍ୱାସ ଜନିତ ସମସ୍ୟା ଉପୁଜୁଛି। ସ୍ଥିତି ଏଭଳି ହେଉଛି ଯେ ବିଭିନ୍ନ ସରକାରୀ ଓ ଘରୋଇ ଡାକ୍ତରଖାନାରେ ରୋଗୀଙ୍କ ସଂଖ୍ୟା ବଢ଼ୁଛି। ଛାତି, ଚକ୍ଷୁ, ଗଳା, ଚର୍ମ ଓ ନାକଜନିତ ରୋଗ ବିଶେଷ ପରିଲକ୍ଷିତ ହେଉଛି। ଏଥିସହ ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି, ବାୟୁ ପ୍ରଦୂଷଣ ମାନସିକ ସ୍ତରରେ ମଧ୍ୟ ପ୍ରଭାବ ପକାଉଛି। ପ୍ରଦୂଷଣ ଯୋଗୁଁ ଛାତିରେ ସଂକ୍ରମଣ ହେଉଥିବାରୁ ବହୁ ରୋଗୀଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ବୟସ୍କ ଲୋକଙ୍କ ନିକଟରେ ପ୍ରଦୂଷଣ ପାଇଁ ହୃଦଘାତ ସମ୍ଭବନା ୧୦ଗୁଣ ବୃଦ୍ଧି ପାଉଛି। ତାଳଚେର ଅଞ୍ଚଳରେ ବାୟୁମଣ୍ଡଳ ଦିନକୁ ଦିନ ବିଷ ପାଲଟୁଛି ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ମଧ୍ୟ ହେଉଛି। ତେଣୁ ବେଳ ଥାଉଥାଉ ସରକାର ଉପଯୁକ୍ତ ପଦକ୍ଷେପ ଗ୍ରହଣ କଲେ ଏହାର ନିରାକରଣ ହୋଇପାରିବ ବୋଲି ପ୍ରକୃତିପ୍ରେମୀ ଓ ପରିବେଶବିତ ମହଲରେ ଦାବି ହେଉଛି।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

ଅନୁଗୋଳ,୧୫ ।୬(ସମିସ): ଅନୁଗୋଳ ଜିଲ୍ଲା ବନ୍ତଲା ଥାନା ବଡ଼କେରା ଛକରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବଡ଼କେରାର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁଙ୍କ ପୁଅ ଅଭିରାମ ସାହୁ। ସୋମବାର ସନ୍ଧ୍ୟାରେ ଅଭିରାମ ଏବଂ ତାଙ୍କ ସାନଭାଇ ବଡ଼କେରା ଛକରୁ ନିଜ ଦୋକାନ ଆଡ଼କୁ ଯାଉଥିବା ବେଳେ ଏକ ଅଜଣା ପିକ୍‌ଅପ୍ ଭ୍ୟାନ୍ ତାଙ୍କୁ ଧକ୍କାଦେଇ ଅନୁଗୋଳ ଆଡ଼କୁ ପଳାଇଥିଲା। ଏଥିରେ ଅଭିରାମ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

# ୩୬ ଘଣ୍ଟା ଧରି ବିଜୁଳି ସେବା ବନ୍ଦ, ଗ୍ରାହକ ଅସନ୍ତୋଷ

**ରାଜକନିକା,୧୫।୬(ସମିସ):** ଖରାଦିନ ହେବା ମାତ୍ରେ ବିଜୁଳି ସେବା ବ୍ୟାହତ ହେଉଛି। ଦିନ ଦିନ ଧରି ବିଜୁଳି ନ ମିଳିବା, ପିଲାଙ୍କ ପାଠପଢ଼ା ବ୍ୟାହତ ହେବା ସହ ରୋଗଗ୍ରସ୍ତ ମଣିଷ ବେଶୀ ସମସ୍ୟାରେ ପଡୁଛନ୍ତି। ଟାଟା ପାୱାର କର୍ମଚାରୀଙ୍କ ବେପରୁଆ ମନୋଭାବ ସହ ଦାୟିତ୍ୱହୀନ ବିଜୁଳି ସେବା ପଙ୍କି, ଗୋପାଳପୁର, ଶୁକଦେଇପୁର ଗାଁ ୨୪ ଘଣ୍ଟା ଧରି ଅନ୍ଧାରରେ ରହିଛି। ଓସ୍ତିଆ ଫିଡର ଅଧୀନ ଏହି ଅଞ୍ଚଳରେ ଆଗରୁ ଅଘୋଷିତ ବିଜୁଳି କାଟ ହେବା ପରେ ଗତକାଲିଠାରୁ ଏକ ୧୧ କେଭି ବିଜୁଳି ଖୁଣ୍ଟ ଉପୁଡ଼ି ପଡ଼ିବା ପରେ ଆଜି ଖୁଣ୍ଟ ସଜଡ଼ା ପରେ ବି ବିଜୁଳି ଯୋଗାଣ ବନ୍ଦ ହେବା ଭଳି ଇଚ୍ଛାକୃତ ଅବହେଳା ପାଇଁ ଏହି ତିନି ଗ୍ରାମର ବହୁ ଯୁବକ ଆଜି ସନ୍ଧ୍ୟାରେ ରାଜକନିକା ସେକ୍ସନରେ ବସି ରହି ବିଜୁଳି ଯୋଗାଣ ନ ହେଲେ ଏଠାରୁ ଯିବେ ନାହିଁ ବୋଲି ଜିଦ୍ କରି ରହିଛନ୍ତି।

## ଚାମେଲୀଙ୍କ ସମର୍ଥନରେ ବାହାରିଲା ବିଜେଡି

# ନ୍ୟାୟ ପ୍ରଦାନରେ ବିଳମ୍ବ ହେଲେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ

**କେନ୍ଦ୍ରାପଡ଼ା, ୧୫।୬(ସମିସ)**



ତିଖିରୀ ପଞ୍ଚାୟତର ସରପଞ୍ଚ ଚାମେଲୀ ଓଝାଙ୍କୁ ନେଇ ବିବାଦ ସୃଷ୍ଟି ହୋଇଥିବାବେଳେ ତାଙ୍କ ପ୍ରତି ସମର୍ଥନର ସ୍ୱର ଆହୁରି ଜୋରଦାର ହେବାରେ ଲାଗିଛି। କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ଚାମେଲୀ ଓଝାଙ୍କୁ ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ତାଙ୍କୁ ନ୍ୟାୟ ପ୍ରଦାନ ଦାବି କରିଥିବାବେଳେ ନ୍ୟାୟ ପ୍ରଦାନରେ ବିଳମ୍ବ ହେଲେ ଦଳ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛି।

କେନ୍ଦ୍ରାପଡ଼ା ଲୋକସଭା ଆସନର ବିଜେଡି ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ଚାମେଲୀଙ୍କ ସହ ଆଲୋଚନା କରି ଘଟଣା ସମ୍ପର୍କରେ ବିସ୍ତୃତ ତଥ୍ୟ ସଂଗ୍ରହ କରିଥିଲେ। ଚାମେଲୀଙ୍କ ପ୍ରତି ଅନ୍ୟାୟ ହୋଇଥିବା ଅନୁଭବ କରୁଥିବା କହି ଶ୍ରୀ ମହାନ୍ତି ରାଜ୍ୟ ସରକାରଙ୍କ ନିକଟରେ ତାଙ୍କୁ ତୁରନ୍ତ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବାକୁ ଦାବି କରିଛନ୍ତି। ସେ କହିଛନ୍ତି, ଜଣେ ନିର୍ବାଚିତ ମହିଳା ସରପଞ୍ଚଙ୍କ ସହ ଘଟିଥିବା ଘଟଣାକୁ ହାଲୁକା ଭାବେ ନେବା ଉଚିତ ନୁହେଁ। ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନରେ ବିଳମ୍ବ ହେଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ପଛାଇବ ନାହିଁ ବୋଲି ସେ ଚେତାବନୀ ଦେଇଛନ୍ତି। ଏ ଅବସରରେ ବରିଷ୍ଠ ବିଜେଡି ନେତା ଶରତ ବେହୁରା, ହିବଜୁର ରହେମାନ, କାଳୀପ୍ରସାଦ ମିଶ୍ର, ରାଜେଶ ମହାନ୍ତି, ସୁରେଶ ମର୍ଦ୍ଦରାଜ, ସେକ ଚାନ୍ଦ, ସୁଜୟ ଦାସ, ସୌମେନ୍ଦ୍ର ପୃଷ୍ଟି, ଶଶୀକାନ୍ତ ବଳ, ଆଦିତ୍ୟ ପତି, କାଳୀପ୍ରସାଦ ପଣ୍ଡା, ଲୋପାମୁଦ୍ରା ବାରିକ, ରଶ୍ମିରଞ୍ଜନ ରାଉତ, ହିରଣ୍ୟ ପଣ୍ଡାଙ୍କ ସମେତ ଦଳର ଶତାଧିକ କର୍ମୀ ଉପସ୍ଥିତ ଥିଲେ। ଚାମେଲୀ ଓଝା ଓ ମହାକାଳପଡ଼ା ବ୍ଲକ ପ୍ରଶାସନ ମଧ୍ୟରେ ଘଟିଥିବା ବିବାଦ ପରେ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଥିବାବେଳେ ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ପକ୍ଷରୁ ପୀଡ଼ିତ ସରପଞ୍ଚଙ୍କ ପ୍ରତି ସମର୍ଥନ ବ୍ୟକ୍ତ କରାଯାଉଛି। ଏପରି ପରିସ୍ଥିତିରେ ବିଜେଡିର ଏହି ଗସ୍ତ ଓ ଆନ୍ଦୋଳନ ଚେତାବନୀ ଆଗାମୀ ଦିନରେ ଘଟଣାକୁ ନେଇ ରାଜନୈତିକ ତାପମାତ୍ରାକୁ ଆହୁରି ବଢ଼ାଇପାରେ ବୋଲି ଚର୍ଚ୍ଚା ହେଉଛି।

# ରଜ ସଂକ୍ରାନ୍ତିରେ ତୁଳସୀ କ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ

**କେନ୍ଦ୍ରାପଡ଼ା,୧୫।୬ (ସମିସ):** ଓଡ଼ିଶାର ଗଣପର୍ବ ରଜ ସଂକ୍ରାନ୍ତି ଅବସରରେ କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ପ୍ରଭୁ ବଳଦେବଜୀଉଙ୍କ ପବିତ୍ର ତୁଳସୀ କ୍ଷେତ୍ରରେ ସୋମବାର ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ପ୍ରାନ୍ତ ଓ ଜିଲ୍ଲା ବାହାରରୁ ହଜାର ହଜାର ଭକ୍ତ ପ୍ରଭୁଙ୍କ ଦର୍ଶନ ପାଇଁ ତୁଳସୀ କ୍ଷେତ୍ରକୁ ଛୁଟି ଆସିଥିଲେ। ମନ୍ଦିର ପରିସର ଓ ଆଖପାଖ ଅଞ୍ଚଳରେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। କୃଷିଭିତ୍ତିକ ଗଣପର୍ବ ରଜ ସହ ପ୍ରଭୁ ବଳଦେବଜୀଉଙ୍କର ରହିଛି ନିବିଡ଼ ସମ୍ପର୍କ। କୃଷି ଓ କୃଷକଙ୍କ ଦେବତା ଭାବେ ପୂଜା ପାଉଥିବା ପ୍ରଭୁ ବଳଦେବଜୀଉଙ୍କୁ ରଜ ସଂକ୍ରାନ୍ତିରେ ଦର୍ଶନ କରିବା ଦ୍ୱାରା ମନରେ ଶାନ୍ତି ଆସିବା ସହ ପରିବାରର ମଙ୍ଗଳ ସାଧିତ ହୋଇଥାଏ ବୋଲି ଭକ୍ତଙ୍କ ମଧ୍ୟରେ ଅଗାଢ଼ ବିଶ୍ୱାସ ରହିଛି। ଏହି ଆସ୍ଥାକୁ ନେଇ ପ୍ରତିବର୍ଷ ରଜ ସଂକ୍ରାନ୍ତି ଦିନ ତୁଳସୀ କ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ। ଏ ବର୍ଷ ମଧ୍ୟ ଭକ୍ତଙ୍କ ଅସମ୍ଭାଳ ଭିଡ଼କୁ ନିୟନ୍ତ୍ରଣ କରିବା ଓ ସୁରୁଖୁରୁରେ ଦର୍ଶନ ବ୍ୟବସ୍ଥା କରିବା ପୁଲିସ ଓ ପ୍ରଶାସନ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇଥିଲା। ଭକ୍ତମାନଙ୍କ ସୁବିଧାଜନକ ଦର୍ଶନ ଓ ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଥିବାବେଳେ ଟ୍ରାଫିକ୍ ନିୟନ୍ତ୍ରଣ, ବ୍ୟାରିକେଡ୍ ବ୍ୟବସ୍ଥା ଓ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦିଆଯାଇଥିଲା।

# ବାଲିପଡ଼ା ପାଲା ଉତ୍ସବ ଉଦ୍‌ଘାଟିତ



**ପଟ୍ଟାମୁଣ୍ଡାଇ,୧୫।୬(ସମିସ):** ସ୍ଥାନୀୟ ବାଲିପଡା ପୂଜା ପଡ଼ିଆରେ ଶ୍ରୀସତ୍ୟନାରାୟଣ ପାଲା କମିଟି ପକ୍ଷରୁ ରଜ ଉତ୍ସବ ପାଳନ ଅବସରରେ ଶତବାର୍ଷିକ ପାଲା ଉତ୍ସବ ଉଦ୍‌ଘାଟିତ ହୋଇଛି। ପାଲା କମିଟିର ସଭାପତି ଥାନପତି ରବୀନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ପଟ୍ଟାମୁଣ୍ଡାଇ ପୌରାଧ୍ୟକ୍ଷ ହେମନ୍ତ ସାହୁ ମୁଖ୍ୟଅତିଥି, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ମୁଖ୍ୟବକ୍ତା, ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ା, ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀ, କାଉନସିଲର ପ୍ରଶାନ୍ତ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ତିନିଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ପାଲା ଉତ୍ସବକୁ ଉଦଘାଟନ କରିଥିଲେ। ପାଲା କମିଟି ସମ୍ପାଦକ ନୃସିଂହ ସେଠୀ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ସଞ୍ଜୟ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ରଞ୍ଜିତ୍ ସାହୁ ଧନ୍ୟବାଦ ଦେଇଥିଲେ। ପାଲା ଗାୟିକା ବୃନ୍ଦାବତୀ ଦାସ ଓ ସାଥୀମାନେ ପାଲା ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ।

## ପାରିବାରିକ କଳହ ନେଲା ଆଇନର ରୂପ

# ମାରପିଟ୍ ଅଭିଯୋଗ ଆଣିଲେ କଂଗ୍ରେସ ନେତ୍ରୀ ସସ୍ମିତା ପଣ୍ଡା, ପାଲଟା ଏତଲା ଦେଲେ ଶାଶୂ

**କେନ୍ଦ୍ରାପଡ଼ା, ୧୫।୬(ସମିସ):** ପାରିବାରିକ ବିବାଦକୁ କେନ୍ଦ୍ର କରି ମାରପିଟ୍ ଓ ନିର୍ଯାତନା ଅଭିଯୋଗକୁ ନେଇ କେନ୍ଦ୍ରାପଡ଼ା ସହରରେ ଚର୍ଚ୍ଚା ଜୋର ଧରିଛି। କଂଗ୍ରେସ ନେତ୍ରୀ ସସ୍ମିତା ପଣ୍ଡା ନିଜ ଶାଶୂ, ଶଶୁର ଓ ଦିଅରଙ୍କ ବିରୋଧରେ ମାରପିଟ୍ ଓ ନିର୍ଯାତନା ଅଭିଯୋଗ ଆଣି ସଦର ଥାନାରେ ଏତଲା ଦେଇଛନ୍ତି। ଅନ୍ୟପକ୍ଷରେ ତାଙ୍କ ଶାଶୂ ମଧ୍ୟ ବଡ଼ପୁଅ ଓ ବୋହୂଙ୍କ ବିରୋଧରେ ପାଲଟା ଅଭିଯୋଗ କରିଥିବାରୁ ଘଟଣା ନୂଆ ମୋଡ଼ ନେଇଛି।

ପାରିବାରିକ ବିବାଦକୁ ନେଇ ସସ୍ମିତା ପଣ୍ଡାଙ୍କୁ ତାଙ୍କ ଶାଶୂ, ଶଶୁର ଓ ଦିଅର ମାଡ଼ ମାରିଥିବା ସେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ସେ ଆହତ ହୋଇଥିବାବେଳେ ବର୍ତ୍ତମାନ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ତେବେ ଘଟଣାର ଅନ୍ୟ ଦିଗ ମଧ୍ୟ ସାମ୍ନାକୁ ଆସିଛି। ସସ୍ମିତା ପଣ୍ଡାଙ୍କ ଶାଶୂ ପାଲଟା ଭାବେ ନିଜ ବଡ଼ପୁଅ ଓ ବୋହୂଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ଏହି ପାରିବାରିକ ବିବାଦ ଦୁଇ ପକ୍ଷର ପରସ୍ପର ଅଭିଯୋଗକୁ ନେଇ ଆଇନଗତ ରୂପ ନେଇଛି। ସଦର ଥାନାଧିକାରୀ ପଦ୍ମାଳୟା ପ୍ରଧାନ କହିଛନ୍ତି, ଉଭୟ ପକ୍ଷଙ୍କ ପକ୍ଷରୁ ମିଳିଥିବା ଅଭିଯୋଗକୁ ଭିତ୍ତି କରି ଗତ ୧୪ ତାରିଖରେ ଏକ ମାମଲା ରୁଜୁ କରାଯାଇଛି। ପୁଲିସ ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଥିବା ସେ ସୂଚନା ଦେଇଛନ୍ତି। ପାରିବାରିକ କଳହକୁ ନେଇ ଉଭୟ ପକ୍ଷ ପରସ୍ପର ବିରୋଧରେ ଅଭିଯୋଗ ଆଣିଥିବାରୁ ତଦନ୍ତ ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିବ ବୋଲି ଆଲୋଚନା ହେଉଛି।

## ଶ୍ରୀରାମ ସେନା ପକ୍ଷରୁ ରଜ ଉତ୍ସବ

# ରଜ ଓଡ଼ିଆଙ୍କ ଭାବାବେଗ ସହ ଜଡ଼ିତ



**ପଟ୍ଟାମୁଣ୍ଡାଇ,୧୫।୬(ସମିସ):** ଓଡ଼ିଶାର ଗଣପର୍ବ ରଜ ଉତ୍ସବ ସହିତ ଓଡ଼ିଆର ଭାବାବେଗ ଜଡ଼ିତ ହୋଇରହିଛି। ଏହା ଏକ କୃଷିଭିତ୍ତିକ ପର୍ବ ହୋଇଥିବାରୁ ଓଡ଼ିଆର ପ୍ରତିଘରେ ଏହାକୁ ଆନନ୍ଦ ଓ ଉତ୍ସାହର ସହିତ ପାଳନ କରାଯାଇଥାଏ ବୋଲି ପଟ୍ଟାମୁଣ୍ଡାଇ ମଙ୍ଗଳା ମଣ୍ଡପରେ କେନ୍ଦ୍ରାପଡ଼ା ଜିଲ୍ଲା ଶ୍ରୀରାମ ସେନା ପକ୍ଷରୁ ଆୟୋଜିତ ରଜ ଉତ୍ସବ ଅବସରରେ ଆୟୋଜିତ ସଭାରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଅବସରପ୍ରାପ୍ତ ଶିକ୍ଷକ ରାହାସ ବିହାରୀ ଦାଶଙ୍କ ପୌରୋହିତ୍ୟ ଓ ସାମ୍ବାଦିକ ଉପେନ୍ଦ୍ର ନାୟକଙ୍କ ପରିଚାଳନାରେ ଆୟୋଜିତ ଉତ୍ସବରେ ଶ୍ରୀରାମ ସେନାର ଜିଲ୍ଲା ମୁଖ୍ୟ ସାରଦା ପ୍ରସାଦ ରାଉତ ଯୋଗଦେଇ ଶ୍ରୀରାମ ସେନା ପକ୍ଷରୁ ଆୟୋଜିତ ରଜ ଉତ୍ସବ ପାଳନ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ସମାଜସେବୀ ଜଗବନ୍ଧୁ ପ୍ରଧାନ, କାଉନସିଲର୍ ବିଦ୍ୟାଧର ସେଠୀ, ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ସବରେ ସଂଖ୍ୟାଧିକ ମହିଳା ଯୋଗଦେଇ ଉତ୍ସବର ମଜା ନେବା ସହିତ ରଜପାନ ଓ ବିଭିନ୍ନ ପ୍ରକାରର ପିଠା ଖାଇବା ସହିତ ଅନ୍ୟମାନଙ୍କୁ ରଜପାନ ଓ ପିଠା ବାଣ୍ଟିଥିଲେ। ରାଜନଗର ଓ କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳରୁ ଶତାଧିକ ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଧାଂଶୁ ଜେନା, ବିମଳ କୁଣ୍ଡୁ, ଭରତ ଭଦ୍ର, ବିଦ୍ୟାଧର ମଲିକ, ରବି ଗାହଣ, ଅଜୟ ଦାସ, ପଦ୍ମନାଭ ପଣ୍ଡା, ରବୀନ୍ଦ୍ର ବିଶ୍ୱାଳ, ପ୍ରଦୀପ ଗିରି, ଅଭିମନ୍ୟୁ ସାମଲ, ସମୀର ଦାସ, ପର୍ଶୁରାମ ରାଉତ, ରାଜକିଶୋର ସାହୁ, ଅଶୋକ ସେଠୀ, ବସନ୍ତ ସାହୁ, ଅଶୋକ ପ୍ରଧାନ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସମାଜସେବୀ, ସାମ୍ବାଦିକ ଓ ମହିଳା ଯୋଗ ଦେଇଥିଲେ।

# ରଜରେ ଅସହାୟ ପରିବାରଙ୍କୁ ଉପହାର

**ମହାକାଳପଡ଼ା,୧୫।୬(ସମିସ):** ରଜ ଅବସରରେ ଦୁଇ ଅସହାୟ ପରିବାର ନିକଟରେ ପହଞ୍ଚି ବିସ୍କୁଟ, ମିକ୍‌ଚର ଓ ମିଠା ପ୍ୟାକେଟ ଉପହାର ଦେଇ ରଜପର୍ବ ପାଳିଛି ମାରୁତି ଯୁଥ ସେବା ଟ୍ରଷ୍ଟ। ଜୟଚନ୍ଦ୍ରପୁର ପଞ୍ଚାୟତ ଅଧୀନ ସାନଗାଁ ଗ୍ରାମର ବେବିନା ସାମଲ ଦୁଇ କୁନିଝିଅଙ୍କ ସହିତ ଭଙ୍ଗା କୁଡିଆରେ ରହୁଛନ୍ତି। ସେହିପରି ସ୍ୱାମୀଙ୍କ ମୃତ୍ୟୁ ପରେ ପାଞ୍ଚ ଝିଅଙ୍କ ମୁହଁରେ ଆହାର ଦେବାକୁ ପକ୍ଷାଘାତରେ ଶଯ୍ୟାଶାୟୀ ସୁମିତ୍ରା ସ୍ୱାଇଁଙ୍କ ପାଇଁ ଏକ ହଜାର ଟଙ୍କାର ଭିନ୍ନକ୍ଷମ ଭତ୍ତା ହିଁ ଏକମାତ୍ର ସାହାରା। ଏହି ଦୁଇ ପରିବାରକୁ ତୁରନ୍ତ ଆବାସ ଯୋଜନା ଗୃହ ଯୋଗାଇଦେବା ପାଇଁ ଟ୍ରଷ୍ଟ ସମ୍ପାଦକ ସୁଧୀର ସ୍ୱାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଟ୍ରଷ୍ଟ ସଦସ୍ୟ ସଂଗ୍ରାମ ଲେଙ୍କା, ଅରକ୍ଷିତ ରାଉତ, ଆଲୋକ ସୂତାର, ଗୌତମ ସ୍ୱାଇଁ, ରାଜେଶ ବେହେରା ସାମିଲ ଥିଲେ। ରଜରେ ଅସହାୟ ପରିବାର ମୁହଁରେ ହସ ଫୁଟିବା ସହ ପର୍ବର ପ୍ରକୃତ ଖୁସି ସମସ୍ତଙ୍କ ମଧ୍ୟରେ ବାଣ୍ଟି ହୋଇପାରୁଛି ବୋଲି କହି ସାମାଜିକ କର୍ମୀ ପ୍ରମୋଦ ସ୍ୱାଇଁ ଟ୍ରଷ୍ଟ ସଦସ୍ୟଙ୍କୁ ଧନ୍ୟବାଦ ଦେଇଛନ୍ତି।



# ବିଲରୁ ୧୬ ଫୁଟର କୁମ୍ଭୀର ଉଦ୍ଧାର



**ରାଜନଗର, ୧୫।୬(ସମିସ):** ଆଜି ଜରିମୂଳ ବଜାର ନିକଟ ବିଲରୁ ଏକ ୧୬ ଫୁଟ ୪ ଇଞ୍ଚର ବିରାଟକାୟ ଅଣ୍ଡିରା କୁମ୍ଭୀର ଉଦ୍ଧାର କରାଯାଇଛି। ବ୍ୟାଙ୍କ ଅଫ ବରୋଦା ସମ୍ମୁଖରେ ଥିବା କେନାଲରେ କୁମ୍ଭୀର ଭାସୁଥିବା ନେଇ ଦୀର୍ଘଦିନ ହେବ ଅଞ୍ଚଳବାସୀ ବନ ବିଭାଗକୁ ଜଣାଇ ଆସୁଥିଲେ। ୨ ବର୍ଷ ତଳେ ସେହି ସ୍ଥାନରୁ ୫୦୦ ମିଟର ଦୂରରେ ଜଣକ ବ୍ୟକ୍ତିଗତ ପୋଖରୀରେ ପଶି ମହିଳାଙ୍କୁ ଟାଣି ନେଇଥିଲା କୁମ୍ଭୀର। ସେତେବେଳେ କେନାଲ ମଧ୍ୟରୁ କୁମ୍ଭୀରକୁ ଧରି ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ନଦୀରେ ଛାଡ଼ି ଦିଆଯାଇଥିଲା। ଗତ ୧ ବର୍ଷ ହେଲା ବିରାଟକାୟ କୁମ୍ଭୀର ଜାରିମୂଳ ବଜାର ନିକଟରେ ଥିବା କେନାଲରେ ଭାସିବା ସହ ଆତଙ୍କ ଖେଳାଇଥିଲା। କୁମ୍ଭୀରକୁ ଧରିବା ପାଇଁ ବନ ବିଭାଗ ଉଦ୍ୟମ କରି ବିଫଳ ହୋଇଥିଲା। ଆଜି ରାଜନଗର ରେଞ୍ଜର ଫରେଷ୍ଟର ବିଜୟ ପାତ୍ର ଓ ଫରେଷ୍ଟ ଗାର୍ଡ ତ୍ରିଦୀପ ପ୍ରଧାନଙ୍କ ସହିତ କନିକା ରେଞ୍ଜର ବନ କର୍ମଚାରୀ ଯଶୋବନ୍ତ ବେହେରାଙ୍କ ନେତୃତ୍ୱରେ ୮ ଜଣ ବନ କର୍ମଚାରୀ ପହଞ୍ଚିବା ପରେ କୁମ୍ଭୀରକୁ କାବୁ କରିବାରେ ବନ ବିଭାଗ ସଫଳ ହୋଇଛି। କେନାଲର ଦୁଇ ପଟରେ ଦିଆଯାଇଥିବା ଜାଲକୁ ଦେଖି ଜାଲ ଛିଣ୍ଡାଇ ବିଲକୁ ଉଠି ଦୌଡିବାରେ ଲାଗିଥିଲା କୁମ୍ଭୀର। ଯଶୋବନ୍ତଙ୍କ ଟିମ ସାହସିକତାର ସହିତ ଦୌଡୁଥିବା କୁମ୍ଭୀର ଉପରେ ଜାଲ ପକାଇ ତାକୁ ଧରିବାରେ ସଫଳ ହୋଇଛନ୍ତି। କୁମ୍ଭୀରକୁ ଟ୍ରାକ୍ଟରରେ ନିଆଯାଇ ଭିତରକନିକା ନଦୀରେ ଛାଡ଼ି ଦିଆଯାଇଛି।

# ଅର୍ଡାମୂଳ ରଜ ମହୋତ୍ସବର ଦ୍ୱିତୀୟ ଦିବସ



**ଡେରାବିଶ, ୧୫।୬(ସମିସ):** ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ଡାମୂଳସ୍ଥ ଜେନାମଣି ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଚାଲିଥିବା ନବମ ରଜ ମହୋତ୍ସବର ଆଜି ଥିଲା ଦ୍ୱିତୀୟ ଦିବସ। ସନ୍ଧ୍ୟାରେ ଅନୁଷ୍ଠିତ ସାରସ୍ୱତ ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ତଥା କଳିଙ୍ଗ ଆବାସିକ ବିଦ୍ୟାଳୟର ଚେୟାରମ୍ୟାନ ମନୋଜ ପ୍ରଧାନ, ମୁଖ୍ୟବକ୍ତା ଭାବେ ସମାଜସେବୀ ସୁଖଦାନନ୍ଦ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଯଅଁରାବାରିମୂଳ ସରପଞ୍ଚ ଶଙ୍କର୍ଷଣ ପରିଡ଼ା, ସମାଜସେବୀ ରଜତ ବଳ, ଯୁବ ଶିଳ୍ପୋଦ୍ୟୋଗୀ ଦୀପକ ବେହେରା, ସମାଜସେବୀ ଚିତ୍ତରଞ୍ଜନ ଦାସ, ରଶ୍ମିରଞ୍ଜନ ରାଉତ ଓ ଭିକାରୀ ବେହେରା ଯୋଗଦେଇ ରଜ ପର୍ବର ବିଶେଷତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏ ଅବସରରେ କୁନି କଳାକାରଙ୍କ ନୃତ୍ୟରେ ଦର୍ଶକ ବିଭୋର ହୋଇଥିଲେ। ପୂର୍ବାହ୍ନରେ କିଶୋରୀଙ୍କ ମଧ୍ୟରେ ଦଉଡି ଡ଼ିଆଁ, ପୁଚି ଓ ରଜ ପିଠା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥଲା। ପ୍ରାରମ୍ଭରେ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୋଦ ପ୍ରଧାନ ସ୍ୱଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ରଜତ ବଳ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜନଗର ଗଳିଦାଣ୍ଡରେ ରଜ ମହୋତ୍ସବ

**ରାଜନଗର, ୧୫।୬(ସମିସ):** ରାଜନଗର ବ୍ଲକ ହେଡ କ୍ୱାଟରର ଗଳିଦାଣ୍ଡରେ ରଜ ମହୋତ୍ସବ ପାଳନ କରାଯାଉଛି। ଶ୍ରୀଶ୍ରୀ ବୁଢୀ ମଙ୍ଗଳା ଯୁବକ ସଙ୍ଘ ଆନୁକୂଲ୍ୟରେ ଆୟୋଜିତ ଏକାଦଶ ରଜ ମହୋତ୍ସବ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳନ କରାଯାଇଛି। ପହିଲି ରଜରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବରିଷ୍ଠ ଚିକିତ୍ସକ ଡାକ୍ତର ରମେଶ ଚନ୍ଦ୍ର ଦାସଙ୍କୁ ଆଜୀବନ ଉତ୍ସର୍ଗୀକୃତ ସେବା ନିମନ୍ତେ ରାଜନଗର ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ବରିଷ୍ଠ ସାହିତ୍ୟିକ ପଣ୍ଡିତ ଶରତ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଗଳିଦାଣ୍ଡ ଗ୍ରାମ୍ୟ କମିଟି ସମ୍ପାଦକ ଅଭିରାମ ସାହୁ, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ ଓ ରାଜନଗର ବଣିକ ସଙ୍ଘର ପୂର୍ବତନ ସଭାପତି ଶଙ୍କର୍ଷଣ ମିଶ୍ର ଯୋଗ ଦେଇଥିଲେ। ଯୁବକ ସଙ୍ଘ ସଭାପତି ଶିବାନନ୍ଦ ରାଉତ, ଆବାହକ ଡ଼ଃ ଅମୀୟ ପରିଡା, ସମ୍ପାଦକ ଚନ୍ଦ୍ରକାନ୍ତ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ପୂର୍ବତନ ସରପଞ୍ଚ ଅଟକ

**ମାର୍ଶାଘାଇ, ୧୫।୬(ସମିସ):** ମାର୍ଶାଘାଇ ବ୍ଲକ ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ଜଣେ ପୂର୍ବତନ ସରପଞ୍ଚଙ୍କୁ କୁଦାନଗରୀ ପୁଲିସ ଅଟକ ରଖି ତଦନ୍ତ ଚଳାଇଛି। ୧୩ ତାରିଖ ରାତିରେ ଅଭିଯୁକ୍ତ ବ୍ୟକ୍ତି ନାବାଳିକାଙ୍କୁ ପାଖକୁ ଡାକି ତାଙ୍କ ସହ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଘଟଣାରୁ ଖସି ଆସି ନାବାଳିକା ଘରେ ସବୁ କଥା ପରିବାର ଲୋକଙ୍କୁ ଜଣାଇଥିଲେ। ପରଦିନ ସ୍ଥାନୀୟ ସ୍ତରରେ ଏହାର ସମାଧାନ ହୋଇ ନ ପାରିବାରୁ ନାବାଳିକାଙ୍କ ବାପା କୁଦାନଗରୀ ଥାନାରେ ଏତଲା ଦେଇଥିଲେ। ଅଭିଯୋଗକୁ ଗୁରୁତର ସହ ନେଇ କୁଦାନଗରୀ ପୁଲିସ ୧୯୬/୨୦୨୬ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବାବେଳେ ପୂର୍ବତନ ସରପଞ୍ଚଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖାଯାଇଥିବା ସୂଚନା ମିଳିଛି। କୁଦାନଗରୀ ଥାନା ଆଇଆଇସି ଜଗନ୍ନାଥ ପାଣିଗ୍ରାହୀ କହିଛନ୍ତି, ନାବାଳିକାଙ୍କ ପରିବାର ପକ୍ଷରୁ ମିଳିଥିବା ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଇଛି ଓ ସମସ୍ତ ଦିଗକୁ ନେଇ ତଦନ୍ତ ଚାଲିଛି।

# ରଜ ଅବସରରେ ରାମଲୀଳା



**ଡେରାବିଶ,୧୫।୬(ସମିସ):** ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ବାଲିସାହି ଗ୍ରାମରେ ରଜ ପର୍ବ ଅବସରରେ ରାମଲୀଳା ପ୍ରଦର୍ଶିତ ହେଉଛି। ବାଲିସାହିସ୍ଥ ରଘୁନାଥଜୀଉ ଶ୍ରୀରାମ ନବମୀ କମିଟି ଆନୁକୂଲ୍ୟରେ ଆୟୋଜିତ ୪୩ତମ ରାମଲୀଳା ଉତ୍ସବରେ ଗ୍ରାମର କଳାକାରଙ୍କ ଦ୍ୱାରା ଶ୍ରୀରାମଙ୍କ ଲୀଳା ଅଭିନିତ କରାଯାଇଥାଏ। ଏହି ନିର୍ବାକ ଅଭିନୟର ସଂଳାପ (ବଚନିକା) ପ୍ରଦୀପ କୁମାର ପଣ୍ଡା ପାଠ କରିଥା'ନ୍ତି। ଗ୍ରାମର ଦୁର୍ଗାପ୍ରସାଦ କାଣ୍ଡି, କେଶବ କାଣ୍ଡି, ଗଣେଶ୍ୱର କାଣ୍ଡି, କାର୍ତ୍ତିକ କାଣ୍ଡି, ବ୍ରଜକିଶୋର କାଣ୍ଡ, ଗୁରୁଚରଣ ଜେନା, ଦୋଳଗୋବିନ୍ଦ ଜେନା, ନରୋଶ ଜେନା, ମଙ୍ଗୁଳି ଚରଣ କାଣ୍ଡି ପ୍ରମୁଖ ରାମାୟଣର ବିଭିନ୍ନ ଚରିତ୍ରରେ ଅଭିନୟ କରୁଛନ୍ତି।

# ଗଡ଼ମେକର ସାଂସ୍କୃତିକ ବିଚିତ୍ରା 'ରଜ ମଉଜ'



**ପଟ୍ଟାମୁଣ୍ଡାଇ,୧୫।୬(ସମିସ):** ଗୋପାଳ ଦାଶ ସ୍ମାରକୀ କଳା ମନ୍ଦିର (ଗଡମେକର) ପକ୍ଷରୁ ସାଂସ୍କୃତିକ ବିଚିତ୍ରା "ରଜମଉଜ' ବଡ଼ମୂଳବସନ୍ତ ନସିପୁରଠାରେ ଅନୁଷ୍ଠିତ ହୋଇଛି। ପ୍ରତିଷ୍ଠାତା ନିର୍ଦ୍ଦେଶକ ଗୁରୁଶ୍ରୀ ସୁଶାନ୍ତ ପାଣିଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ରଜ ପର୍ବ ସବୁବର୍ଗର ଲୋକଙ୍କ ପାଇଁ ଖୁସି ଆନନ୍ଦର ଅବସର ସୃଷ୍ଟି କରିଛି ବୋଲି ମତ ପ୍ରକାଶ କରିଥିଲେ। ଗୁରୁଶ୍ରୀ ସମୀରଞ୍ଜନ ଦାସ ଓ ଗୁରୁଶ୍ରୀ ରମେଶ ଦେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରଜ ମଉଜ ସଂଯୋଜିକା ସ୍ମୃତିପ୍ରିୟା ପ୍ରଧାନ ଓ ଦୂରଦର୍ଶନ ନୃତ୍ୟଶିଳ୍ପୀ ସମ୍ପୂର୍ଣ୍ଣାଇନ୍ଦୁ ପାଣି ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ସାଇସ୍ୱରାଜ ଶତପଥୀ ଓ ସମନ୍ୱିତା ଦାଶ ଉପସ୍ଥାପନା କରିଥିବାବେଳେ ବୈଶାଖୀ ରାଉତ, ବିଶ୍ୱମୋହିନୀ ଦାସ, ରୀତା ସେଠୀ, ଧ୍ରୁବଚରଣ ସାହୁ, ଅଞ୍ଜଳି ପାଣି ପ୍ରମୁଖ ପରିଚାଳନା କରିଥିଲେ। ଗଣକବି ଗୋପାଳ ଦାଶଙ୍କ ରଚିତ ବୃନ୍ଦଗାନ ଜୟ ଜୟ ନାରାୟଣ, ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟାଭିନୟ ନବଦୁର୍ଗା, ସମ୍ବଲପୁରୀ ନୃତ୍ୟ ମା' ସମଲେଇ, ତାଳବାଦ୍ୟ ତ୍ରିତାଲ୍ ସହିତ ନୃତ୍ୟରୂପକ "ବନସ୍ତେ ଡାକିଲା ଗଜ' ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସୌମ୍ୟରଞ୍ଜନ ସୂତାର, ସରୋଜ ପଣ୍ଡା, ସାଇ ସମୀକ୍ଷା ସାହୁ, ସ୍ୱର୍ଣ୍ଣଶ୍ରୀ ରାଉତ, ଦ୍ୱିଶା ଖଣ୍ଡାୟୀ, ଗୀତାଞ୍ଜଳି ସାମଲ, ଶିବାନୀ ବେହୁରା, ପଦ୍ମିନୀ ଘଡ଼ାଇ, ପ୍ରତ୍ୟାଶା ଦାସ ପ୍ରମୁଖ କଳାକାର ଓ ଶିଳ୍ପୀ ପରିବେଷଣ କରିଥିଲେ।

# ବିଡିଓଙ୍କ ବିରୋଧରେ ହାଟସାହି ସରପଞ୍ଚଙ୍କ ଏତଲା

**ରାଜକନିକା,୧୫।୬(ସମିସ):** ରାଜକନିକା ବ୍ଲକ ବିଡିଓଙ୍କ ବିରୋଧରେ ଥାନାରେ ଏତଲା ହୋଇଛି। ରାଜକନିକା ବ୍ଲକ ହାଟସାହି ପଞ୍ଚାୟତରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ଏକ ଫସିଲିଟି ସେଣ୍ଟରକୁ ଅତି ନିମ୍ନମାନର କରିବା ଅଭିଯୋଗ ନେଇ ସ୍ଥାନୀୟ ମହିଳା ବିରୋଧ କରି ପଞ୍ଚାୟତ ଅଫିସରେ ତାଲା ପକାଇଥିଲେ। ଅଫିସ ବନ୍ଦ ରହିଥିବାରୁ ତହସିଲଦାର ପୁଲିସ ନେଇ ତାଲା ଖୋଲି ସଠିକ ଢଙ୍ଗରେ କାମ ହେବ ବୋଲି କହିଥିଲେ। ଏବେ ପୁଣି ସେହି ଢଙ୍ଗରେ କାମ କରିବାରୁ ମହିଳାମାନେ ତାଲା ପକାଇଛନ୍ତି। ଏହି ପଞ୍ଚାୟତର କାମରେ ବିଡିଓ ଜୋର ଜବରଦସ୍ତ କାମ କରିବା ପାଇଁ ଉଦ୍ୟମ କରୁଥିବାରୁ ଏହାର ବିରୋଧ କରି ସରପଞ୍ଚ ସୀତାରାଣୀ ଦାସ ଆଜି ଥାନାରେ ଏତଲା ଦେବା ସହ ରାଜକନିକା ବ୍ଲକ ଉନ୍ନୟନ କାମରେ ଚାଲିଥିବା ମନମାନୀକୁ ପଦାରେ ପକାଇଛି।

# ମେଘପୁର ପ୍ରାଥମିକ ବିଦ୍ୟାଳୟର ୧୦୫ ବର୍ଷ ପୂର୍ତ୍ତି ଉତ୍ସବ

**ରାଜକନିକା,୧୫।୬(ସମିସ)**



ରାଜକନିକାର ପ୍ରାଚୀନ ବିଦ୍ୟାଳୟ ଭାବେ ୧୦୫ ବର୍ଷ ପୂର୍ତ୍ତି ପାଳନ କରିବାରେ ମେଘପୁର ପ୍ରାଥମିକ ବିଦ୍ୟାଳୟ ଏକ ସ୍ୱତନ୍ତ୍ରତା ଅର୍ଜନ କରିଛି। ଦେଶର ସ୍ୱାଧୀନତା ଆନ୍ଦୋଳନ ଓ କନିକା ପ୍ରଜା ବିଦ୍ରୋହର କର୍ଣ୍ଣଧାର ସାଜି ଏହି ବିଦ୍ୟାଳୟ (ଚାଟଶାଳୀ) ସେତେବେଳର ଅବଧାନଙ୍କ ପାଇଁ ଏହି ବିଦ୍ୟାଳୟ ବେଶ ଚର୍ଚ୍ଚିତ ଥିବାବେଳେ ଏବେ ଏହି ବିଦ୍ୟାଳୟ ତା'ର ଗାରିମାରେ ବେଶ ପ୍ରଭାବୀ ସାବ୍ୟସ୍ତ ହୋଇଆସିଛି। ବିପ୍ଳବୀ ଚେତନାରେ ଉଦବୁଦ୍ଧ ହୋଇଆସୁଥିବା ଏହି ଅନୁଷ୍ଠାନରୁ ଶିକ୍ଷାଲାଭ କରି ପ୍ରତିଷ୍ଠିତ ହୋଇଥିବା ବହୁ ପୁରାତନ ଛାତ୍ରଛାତ୍ରୀଙ୍କ ଗହଣରେ ଚଳିତ ରଜ ଉତ୍ସବରେ ଏହାର ୧୦୫ ବର୍ଷ ପୂର୍ତ୍ତି ପାଳନ କରାଯାଇଛି।

ପହିଲି ରଜରେ ବିପିନ ବିହାରୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପୁରାତନ ଛାତ୍ର ହରେକୃଷ୍ଣ ନାୟକ, ଦୀନବନ୍ଧୁ ସେଠୀ, ନିରଞ୍ଜନ ବେହେରା, ଅମିତା ସାହୁ, ସନ୍ତୋଷ ସାହୁ ପ୍ରମୁଖ ଏହି ଗ୍ରାମର ଐତିହ୍ୟ, ସଂସ୍କୃତି, ସ୍ୱାଭିମାନର ପ୍ରଶଂସା କରି ବକ୍ତବ୍ୟ ରଖିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ପୁରାତନ ଛାତ୍ର ଡାକ୍ତର ହେମନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ବାଞ୍ଛାନିଧି ନାୟକ, ମୁଖ୍ୟବକ୍ତା ଭାବେ ପୂର୍ବତନ କୁଳପତି କୁମରବର ଦାସ, ସମ୍ମାନିତ ବକ୍ତା ଭାବେ ବୈକୁଣ୍ଠ ପରିଡା, ଡାକ୍ତର ଆଶିଷ ବାରିକ, ସମ୍ପାଦକ ଅରୁଣ ସାହୁଙ୍କ ମଞ୍ଚ ପରିଚାଳନାରେ ସୁରେଶ ରାଉତ, ରାଜନାରାୟଣ ନାୟକଙ୍କ ଦ୍ୱାରା ଗୁରୁପୂଜନ, ରଜ ପ୍ରତିଯୋଗିତା, କଳସ ଶୋଭାଯାତ୍ରା, ଧ୍ୱଜା ଉତ୍ତୋଳନ ପରେ ସଂକୀର୍ତ୍ତନ କରାଯାଇଥିଲା। ଏହି ଉତ୍ସବରେ ମେଘପୁର ଗାଁର ଐତିହ୍ୟ ସମ୍ବଳିତ ପୁସ୍ତକ 'ସହିଦ ସ୍ତମ୍ଭର ଗାଁ ମେଘପୁର ଯା'ର ନାଁ' ଉନ୍ମୋଚନ କରାଯାଇଥିଲା। କିଶୋରୀଙ୍କ ଦ୍ୱାରା ପୁଚି, ମହିଳାଙ୍କ ଦ୍ୱାରା ହୁଳହୁଳି, ଶଙ୍ଖନାଦ ଓ ସଙ୍ଗୀତ ପ୍ରତିଯୋଗିତା କରାଯାଇଥିଲା। ଗାଁର କୁନି କଳାକାରଙ୍କ ଦ୍ୱାରା ଅସହାୟ ପିତାମାତା ନାଟକ ପରିବେଷଣ କରାଯାଇଥିଲା। ଏ ଅବସରରେ ରାଜକନିକାର ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ସକାଳ THE SAKALA



## ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନର ରଜ ଉତ୍ସବ

# ପାରମ୍ପରିକ ନୃତ୍ୟ ଓ ରଜ ଗୀତରେ ଝୁମିଲେ ଦର୍ଶକ

ଜଗତସିଂହପୁର,୧୫।୬(ସମିସ)

ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା ଓ ପର୍ବପର୍ବାଣୀ ପାଇଁ ସମଗ୍ର ବିଶ୍ୱରେ ପରିଚିତ। ସେହିପରି ଗଣପର୍ବ ରଜ ଆସିଲେ ଗାଁରୁ ସହର ହୁଏ ଉତ୍ସବ ମୁଖର। ଝିଅମାନଙ୍କୁ କିଭଳି ସମ୍ମାନ ଦିଆଯାଏ ଏବଂ ନାରୀ ସଶକ୍ତୀକରଣର ପ୍ରକୃତ ଅର୍ଥ କ'ଣ ତାହା ରଜ ପର୍ବରେ ଦେଖିବାକୁ ମିଳେ। ତେଣୁ ଆମ ପରମ୍ପରାକୁ କିଭଳି ପିଢ଼ି ପରେ ପିଢ଼ି ଆଗକୁ ନିଆଯିବ ସେ ଦିଗରେ ସମସ୍ତେ ସଚେତନ ହେବା ଜରୁରୀ। ଜଗତସିଂହପୁର ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ "ରଜ ଉତ୍ସବ'ରେ ଯୋଗ ଦେଇ ଅତିଥିମାନେ ଏହା କହିଛନ୍ତି। ଅନୁଷ୍ଠାନର ସମ୍ପାଦକ ଅଜୟ କୁମାର ଗୋଚ୍ଛାୟତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ



ଅମରେନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ତପନ କୁମାର ମଲ୍ଲିକ, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ମଧୁସୂଦନ ସାହୁ, ଘରୋଇ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ହରପ୍ରସନ୍ନା ସାହୁ, ଅଭିନେତା ମାତୃ ପ୍ରସାଦ ଦାଶ, ନାଟ୍ୟକାର କୈଳାସ ମଲ୍ଲିକ, ଅଭିନେତା ସୁଦୀପ୍ତ ସୁନ୍ଦର ସ୍ୱାଇଁ, ଗାନ୍ଧିବାଦୀ ତଥା ସମାଜ ସେବୀ ଗୌରାଙ୍ଗ ଚରଣ ହୋତା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ପୋଡ଼ ପିଠା କଟାଗଲା ପରେ ଉପସ୍ଥିତ ସମସ୍ତ ଦର୍ଶକ ଏହାକୁ ଖାଇବାର ମଜା ନେଇଥିଲେ। ଏଥି ସହିତ ଦର୍ଶକମାନେ ରଜ ପାନ, ପୋଡ଼ ପିଠା ଖାଇ ସାରିବା ପରେ ଲୁଡୁ, ଚେସ୍, ତାସ, ରିଙ୍ଗ ଥ୍ରୋ, ମ୍ୟୁଜିକ ଚେୟାର, ଭଳି ବିଭିନ୍ନ କୌତୁହଳ ଖେଳର ଭରପୁର ଉପଭୋଗ କରିଥିଲେ। ପରେ ପରେ ଓଡ଼ିଶାର ପାରମ୍ପରିକ ନୃତ୍ୟକୁ ନେଇ ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନର କଳାକାରମାନେ ଚମତ୍କାର ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର ସଭାପତି ଈଶ୍ୱର ଚନ୍ଦ୍ର ନନ୍ଦ, ଉପଦେଷ୍ଟା ବିଜୟ କୁମାର ରଥ, ଶରତ ଚନ୍ଦ୍ର ବାରିକ, ନଗେନ ପଣ୍ଡା, ସଦସ୍ୟ ଲିଲିପ୍ତ ଖୁଣ୍ଟିଆ, ନିଖିଳ ରଞ୍ଜନ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅନୁଷ୍ଠାନର ଉପଦେଷ୍ଟା ଶିକ୍ଷାବିତ ଶରତ ଚନ୍ଦ ବାରିକ ଧନ୍ୟବାଦ ଦେଇଥିଲେ। ଶିକ୍ଷାବିତ ସୁଭାଷ ଚନ୍ଦ୍ର ରାଉତ ସମସ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ପାରାଦୀପ ବନ୍ଦର ପକ୍ଷରୁ ରଜ ମହୋତ୍ସବ



ପାରାଦୀପ,୧୫।୬(ସମିସ): ଚଳିତ ବର୍ଷ ପାରାଦୀପ ବନ୍ଦର ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମଠାରେ ରଜ ମହୋତ୍ସବ ପାଳିତ ହେଉଛି। ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍ ହରନାଦ ଓଡିଶାର ଏହି ପାରମ୍ପାରିକ ଗଣପର୍ବକୁ ଉଦ୍‌ଘାଟନ କରିଥିଲେ। ରଜପର୍ବର ମୁଖ୍ୟ ଆକର୍ଷଣ ପୋଡ଼ପିଠା କାଟି ଏହି ମହୋତ୍ସବର ଶୁଭାରମ୍ଭ କରିଥିଲେ। ବନ୍ଦରର ବିଭାଗୀୟ ମୁଖ୍ୟ, ଅଧିକାରୀ, କର୍ମଚାରୀ, ପାରାଦୀପ ଅନ୍ତେବାସୀଙ୍କ ଉପସ୍ଥିତିରେ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ଓଡିଶାର ଘରେ ଘରେ ପାଳିତ ହୋଇଥାଏ। ଓଡିଶାର ଏକ ପ୍ରମୁଖ ବନ୍ଦର ସହର ପାରାଦୀପରେ ଏହି ପର୍ବକୁ ପାରାଦୀପ ବନ୍ଦର ଗର୍ବ ଓ ଗୌରବର ସହିତ ପାଳନ କରି ଆସୁଛି ବୋଲି ଅଧ୍ୟକ୍ଷ ଶ୍ରୀ ହରନାଦ କହିଥିଲେ। ତିନି ଦିନ ମଧ୍ୟରେ ଏହି ରଜ ମହୋତ୍ସବରେ ରଜ ଦୋଳି, ପୋଡ଼ ପିଠା, ରଜ ପାନ ପ୍ରସ୍ତୁତି, ପୁଚି, ରଜ ବେଶ ଭଳି ଅନେକ ପାରମ୍ପାରିକ ପ୍ରତିଯୋଗିତାର ଆୟୋଜନ କରାଯାଇଛି।

## ମନସା ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ରଜ ଉତ୍ସବ

ପାରାଦୀପ,୧୫।୬(ସମିସ): ମନସା ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ନିଆରା ଢଙ୍ଗରେ ରଜ ଉତ୍ସବକୁ ପାଳନ କରାଯାଇଛି। ଟ୍ରଷ୍ଟର ଅଧ୍ୟକ୍ଷ ତଥା ସମାଜସେବୀ ମୃତ୍ୟୁଞ୍ଜୟ ମିଶ୍ରଙ୍କ ନେତୃତ୍ୱରେ ଟ୍ରଷ୍ଟର ସଦସ୍ୟମାନେ ସଜବାଜ ଦିନ ପାରାଦୀପ ଉପକଣ୍ଠ ବାଲିଝରା ବସ୍ତିରେ ଥିବା ମା'ସନ୍ତୋଷୀ ଜରାନିବାସରେ ପହଞ୍ଚିଥିଲେ। ସେଠାରେ ଟ୍ରଷ୍ଟ ପକ୍ଷରୁ ଅନ୍ତେବାସୀଙ୍କୁ ନୂତନ ପୋଷାକ ପ୍ରଦାନ କରାଯାଇଥିଲା। ସଜବାଜରେ ନୂତନ ବସ୍ତ୍ର ପାଇ ଜରାନିବାସରେ ଅନ୍ତେବାସୀ ଖୁସିର ବିଭୋର ହୋଇଯାଇଥିଲେ। ଯେତେବେଳେ ନିଜର ଲୋକମାନଙ୍କ ଦ୍ୱାରା ଅଲୋଡ଼ା ହୋଇଗଲେ ସେତେବେଳେ ସେମାନଙ୍କ ମନରେ ଖୁସିର ପସରା ଯୋଗାଇ ଦେଇଥିବାରୁ ଅନ୍ତେବାସୀମାନେ ଆତ୍ମବିଭୋର ହୋଇଯାଇଥିଲେ। ଟ୍ରଷ୍ଟ ଏତିକିରେ ଅଟିକି ନଥିଲା। ପହିଲି ରଜ ଦିନ ଅନ୍ତେବସୀମାନଙ୍କ ନିକଟରେ ଟ୍ରଷ୍ଟର ସହସ୍ୟ ଓ କର୍ମକର୍ତ୍ତା ମାନେ ପହଞ୍ଚିଥିଲେ। ମଧ୍ୟାହ୍ନରେ ଜରାନିବାଶ ଅନ୍ତେବାସୀଙ୍କ ନିମନ୍ତେ ମଧ୍ୟାହ୍ନ ଭୋଜନର ଆୟୋଜନ କରାଯାଇଥିଲା। ଜରାନିବାସର ଅନ୍ତେବାସୀମାନେ ମଧ୍ୟାହ୍ନ ଭୋଜନ ଅତି ଆନନ୍ଦର ସହିତ ଖାଇ ରଜ ଉତ୍ସବକୁ ପାଳିଥିଲେ। ଅନ୍ତେବାସୀମାନେ ଟ୍ରଷ୍ଟର ଅଧ୍ୟକ୍ଷ ଶ୍ରୀ ମିଶ୍ରଙ୍କ ଏହି ମହାନତା ନିମନ୍ତେ କୃତଜ୍ଞତା ଜଣାଇଥିଲେ। ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ଟ୍ରଷ୍ଟର ଗୋବିନ୍ଦ ଚନ୍ଦ୍ର ମିଶ୍ର, ସୁକାନ୍ତ କୁମାର ବେହେରା, ଅବିନାଶ ପ୍ରଧାନ, ରାଜଶ୍ରୀ ଦାଶ, ଦିପିକା ସ୍ୱାଇଁ, ସୁବାସ ପ୍ରଧାନ, ପ୍ରସାନ୍ତ ତରାଇ, ବସନ୍ତ କୁମାର ଗୋଚ୍ଛାୟତ, ସତ୍ୟବାଦୀ ଦାସ, ସପନି ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରଜ ମହୋତ୍ସବ ବୁଲାଇ ନ ନେବାରୁ ମହିଳାଙ୍କ ଆତ୍ମହତ୍ୟା

ପାରାଦୀପ,୧୫।୬(ସମିସ): ପାରାଦୀପ ଆଦର୍ଶ ଥାନା ଅଧୀନ ଉଦୟଭଟ ଭିତରଗଡ଼ ଅଞ୍ଚଳରେ ଜଣେ ବିବାହିତା ମହିଳାଙ୍କୁ ତାଙ୍କ ସ୍ୱାମୀ ରଜ ମହୋତ୍ସବ ବୁଲାଇ ନ ନେବାରୁ ସେ ବେକରେ ରଶି ଲଗାଇ ଆ।ହତ୍ୟା କରିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ପୁଲିସ ସୂଚନା ମୁତାବକ ଉଦୟଭଟ ଭିତରଗଡ଼ ଅଞ୍ଚଳରେ ରହୁଥିବା ଗୋବିନ୍ଦ ମଣ୍ଡଳ ତାଙ୍କ ସ୍ତ୍ରୀ କବିତା ମାଇତିକୁ ପାରାଦୀପ ଗଡ ରଜ ମହୋତ୍ସବକୁ ବୁଲାଇ ନ ନେବାରୁ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ତେବେ ରାଗରେ ରହିଥିବା କବିତା ଘରେ କେହି ନଥିବା ବେଳେ ଗତକାଲି ରାତିରେ ସିଡ଼ି ଘରେ ବେକରେ ରଶି ଲଗାଇ ଓହଳି ପଡ଼ିଥିଲେ। ଘଟଣା ସମ୍ପର୍କରେ ପରିବାର ଲୋକେ ଥାନାକୁ ଜଣାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କୁଜଙ୍ଗ ପଠାଇଛନ୍ତି। ତେବେ ଆଜି ଉକ୍ତ ମହିଳାଙ୍କୁ ମାରି ଦେଇଥିବା ନେଇ ତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ପୁଲିସ ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ ଆରମ୍ଭ କରିଛି। ଗତ ୩ ବର୍ଷ ତଳେ ଉଭୟଙ୍କର ବିବାହ ହୋଇଥିଲା ବେଳେ ତାଙ୍କର ୧ ବର୍ଷର ଏକ ପୁତ୍ର ସନ୍ତାନ ରହିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ଶିଳ୍ପମନ୍ତ୍ରୀ ସ୍ୱତନ୍ତ୍ର ସଘନ ସଂଶୋଧନରେ ସାମିଲ



ପାରାଦୀପ,୧୫।୬(ସମିସ): ଓଡ଼ିଶାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ଅଭିଯାନରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସାମିଲ ହୋଇଛନ୍ତି। ସ୍ଥାନୀୟ ବିଏଲ୍‌ଓଙ୍କ ଦ୍ୱାରା ଏହି ପ୍ରକ୍ରିୟାରେ ସାମିଲ ହେବା ସହ ବିଏଲଓମାନଙ୍କୁ ସକ୍ରିୟ ସହଯୋଗ କରିବା ପାଇଁ ସେ ଜିଲ୍ଲାବାସୀଙ୍କୁ ଆହ୍ୱାନ କରିଛନ୍ତି। ଗଣତନ୍ତ୍ରକୁ ଅଧିକ ସୁଦୃଢ଼ କରିବାରେ ଜନସହଭାଗିତାର ଗୁରୁତ୍ୱ ଉଲ୍ଲେଖ କରି ସେ ଭୋଟରମାନଙ୍କୁ ପରିଗଣନା ଫର୍ମର ବଣ୍ଟନ, ଯାଞ୍ଚ ଓ ଦାଖଲ ପ୍ରକ୍ରିୟାରେ ବିଏଲଓ ମାନଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ, ପ୍ରତ୍ୟେକ ଭୋଟରଙ୍କ ସହଯୋଗ ଏକ ସଠିକ୍, ଅନ୍ତର୍ଭୁକ୍ତିମୂଳକ ଓ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଅତ୍ୟନ୍ତ ଆବଶ୍ୟକ, ଯାହାଦ୍ୱାରା କୌଣସି ଯୋଗ୍ୟ ଭୋଟର ବାଦ ନ ପଡନ୍ତି।

## ବିଦ୍ୟାଳୟକୁ ପିଇବା ପାଣି ମେସିନ ପ୍ରଦାନ

ବାଲିକୁଦା,୧୫।୬(ସମିସ): ବାଲିକୁଦା ବ୍ଲକ ଅନ୍ତର୍ଗତ ଜନତା ଉଚ୍ଚ ବିଦ୍ୟାଳୟର ୧୯୯୭ ମସିହାର ଛାତ୍ରଛାତ୍ରୀଙ୍କର ଆବାହକ ସ୍ମୃତିରଞ୍ଜନ ପାଣିଙ୍କ ନେତୃତ୍ୱରେ ଏକ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ସଭାପତି ମନୁଚରଣ ନାୟକଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ବିଶ୍ୱାଳ, ପୁରାତନ ଶିକ୍ଷକ କୃଷ୍ଣଚନ୍ଦ୍ର ବାରିକ, ବିଷ୍ଣୁ ଚରଣ ସ୍ୱାଇଁ, ଜଗନ୍ନାଥ ପୋଥାଳ, ଦେବେନ୍ଦ୍ର ନାଥ ରଥ, ରାଜକିଶୋର ମହାନ୍ତି, ବିଜୟ କୁମାର ଦାସ, କର୍ମଚାରୀ ପ୍ରମୋଦ ସ୍ୱାଇଁ, ଭଗବାନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥି ସହିତ ପୁରାତନ ଛାତ୍ର ଛାତ୍ରୀମାନଙ୍କ ପକ୍ଷରୁ ବିଦ୍ୟାଳୟକୁ ଏକ ପିଇବା ପାଣି ଯନ୍ତ୍ର (ଆକ୍ୟୁଗାର୍ଡ) ପ୍ରଦାନ କରାଯାଇଥିଲା। ୧୯୯୭ ବ୍ୟାଚର ଛାତ୍ର ଦିବ୍ୟାଙ୍ଗ ଲକ୍ଷ୍ମଣ ଦାସ, ପରିବେଶପ୍ରେମୀ ସରୋଜ ରାଉତ, କ୍ରିକେଟର ରଶ୍ମିରଞ୍ଜନ ରାଉତ ପ୍ରମୁଖଙ୍କୁ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନାଯୋଗ୍ୟ ସେହି ବ୍ୟାଚର ଦୁଇ ଆଖି ହରେଇଥିବା ଦିବ୍ୟାଙ୍ଗ ବିଶ୍ୱନାଥ ପରିଡାଙ୍କୁ ସମାଜସେବୀ ବିକ୍ରମ କେଶରୀ ଚାନ୍ଦୁଆ ପ୍ରତି ମାସକୁ ୧୦୦୦ ଟଙ୍କା ଆର୍ଥିକ ପ୍ରୋତ୍ସାହନ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ବିଜୟ କୁମାର ଦାସ ମଧ୍ୟ ତାଙ୍କ ପୁତ୍ରକୁ ପାଠ ପଢିବାରେ ସାହାଯ୍ୟ ପାଇଁ ଏକ ସାଇକଲ୍ ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ପୁରାତନ ଛାତ୍ରୀ କୁମାରୀ ନିବେଦିତା ଶିକ୍ଷକଙ୍କ ଉଦ୍ଦେଶ୍ୟରେ କବିତା ପାଠ କରିଥିଲା ବେଳେ ଝିଲ୍ଲୀ ସେଠୀ ଓ ମାଣିକମାଳା ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ବିକାଶ ରଞ୍ଜନ ରାଉତ, ପ୍ରଦୀପ୍ତ କୁମାର ପରିଡା, ଭକ୍ତବତ୍ସଳ ରାଉତ, କୈଳାଶ ଚନ୍ଦ୍ର ସାହୁ, ସୁଦୀପ୍ତ କୁମାର ରାଉତ, ଚିତ୍ତ ରଞ୍ଜନ ବେହେରା, ପ୍ରତାପ ଓଝା, ବିରେନ ସାହୁ, ବିଜୟଲକ୍ଷ୍ମୀ ସାହୁ, ମମତା ପାଣି, ଆରତୀ ସାହୁ, ଧରିତ୍ରୀ ରାଉଳ, କର୍ମଚାରୀ ଶୁକଦେବ ନାୟକ, ଶ୍ରୀନିବାସ ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ରାତ୍ରକାଳୀନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ



କୁଜଙ୍ଗ,୧୫।୬(ସମିସ): କୁଜଙ୍ଗ ବ୍ଲକର ସାଇଲୋ ଗ୍ରାମସ୍ଥିତ ନାଗେଶ୍ୱରୀ କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଚତୁର୍ଥ ଅନିଲ ମେମୋରିଆଲ୍ ପଞ୍ଚାୟତସ୍ତରୀୟ ରାତ୍ରକାଳୀନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟକୁ ପଡ଼ୋଶୀ ପୋତାନଇ ଗ୍ରାମ ପଞ୍ଚାୟତର ସରପଞ୍ଚ ବ୍ରଜକିଶୋର ମହାରାଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ରୋମାଞ୍ଚକର ମୁକାବିଲା ପରେ କାଳିଆପାଟ ପଞ୍ଚାୟତ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରଥିଲା। କାର୍ଯ୍ୟକ୍ରମକୁ ନାଗେଶ୍ୱରୀ କ୍ରିକେଟ୍ କ୍ଲବ୍ର ସଭାପତି ସିଦ୍ଧାର୍ଥ ଶଙ୍କର ଦାସ (ଚନ୍ଦନ), ଉପସଭାପତି ଫନୀଭୂଷଣ ପରିଜା (ଗୁଡ୍ଡୁ), ସମ୍ପାଦକ ଆଶୁତୋଷ ସାହୁ (ରାକା), କୋଷାଧ୍ୟକ୍ଷ ମାତୃପ୍ରସାଦ ସ୍ୱାଇଁ (ବିଟୁଲ) ଓ ସଂଯୋଜକ ତ୍ରିନାଥ ବାରିକ (ସୁଟୁ) ପ୍ରମୁଖ ପରିଚାଳନା କରିଥିଲେ। କ୍ଲବର ସଦସ୍ୟ ପ୍ରିୟାଂଶୁ ଦାସ, ରାକେଶ ସେଠି, ଓମ୍ ପ୍ରକାଶ ସେଠୀ, କାର୍ତ୍ତିକ ସେଠୀ, ସାରଦା ପ୍ରସନ୍ନ ସେଠୀ (ଗୁରୁ), ବିଶ୍ୱନାଥ ବାରିକ (କାକା), ସ୍ୱୟଂସିଦ୍ଧ ସ୍ୱାଇଁ ଓ ଦୀପକ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର,୧୫।୬(ସମିସ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଏପ୍ରିଲ୍ ୧୦ ତାରିଖରୁ ଜିଲ୍ଲାରେ ଆରମ୍ଭ ହୋଇଥିବା ସକାଳୁଆ ଅଫିସ ଅବଧି ଶେଷ ହୋଇଛି। ଆସନ୍ତା କାଲି ଜୁନ୍ ୧୬ ତାରିଖରୁ ପୁନଃ ଦିବା ୧୦ ଘଟିକାରୁ ସମସ୍ତ କାର୍ଯ୍ୟାଳୟ ଚାଲିବ। ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଆସନ୍ତାକାଲି ୧୬ ଜୁନ୍ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ସକାଳ ୧୦ ଘଟିକା ଠାରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଶୁଣାଣି ଶିବିରରେ ଜିଲ୍ଲାର ଜନସାଧାରଣ ବହୁ ସଂଖ୍ୟାରେ ଯୋଗ ଦେବା ପାଇଁ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ବିଦ୍ୟୁତ ଖୁଣ୍ଟରେ ପିଟି ହୋଇ ସ୍କୁଟି ଆରୋହୀ ମୃତ

ତିର୍ତ୍ତୋଲ,୧୫।୬(ସମିସ): ରଜ ସଂକ୍ରାନ୍ତିରେ ମା' ଶାରଳାଙ୍କ ଦର୍ଶନ ସାରି ସ୍କୁଟିରେ ଫେରୁଥିବା ବେଳେ ଆଜି ଅପରାହ୍ନରେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ସାରଳା ରୋଡ- ସାରଳା ମନ୍ଦିର ରାସ୍ତାର ତେନ୍ତୁଳିପଦା ଗ୍ରାମର ଶେଷ ମୁଣ୍ଡ ବୁଲାଣି ନିକଟରେ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ ସ୍କୁଟି ଆରୋହୀଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ଯେ କୁଜଙ୍ଗ ଥାନା ବାଗେଇ ଗ୍ରାମର ବିପିନ ମଲ୍ଲିକଙ୍କ ପୁତ୍ର ଆଶୁତୋଷ ମଲ୍ଲିକ (୧୯) ଝଙ୍କଡ ମା' ଶାରଳା ଦର୍ଶନ ସାରି ସ୍କୁଟି (ଓଡ଼ି ୨୧ ୟୁ୦୮୩୬) ରେ ଫେରୁଥିବାବେଳେ ତେନ୍ତୁଳିପଦା ଗ୍ରାମର ଶେଷ ମୁଣ୍ଡ ବୁଲାଣି ନିକଟରେ ଭାରସାମ୍ୟ ହରାଇ ରାସ୍ତାର ଡାହାଣ ପାଶ୍ୱର୍ରେ ଥିବା ଏକ ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇଥିଲେ। ସ୍କୁଟି ସହ ତାଙ୍କ ଛାତି ଓ ମୁଣ୍ଡ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ ରକ୍ତସ୍ରାବ ହୋଇଥିଲା। ପଛରେ ବସିଥିବା ଅନ୍ୟ ଜଣେ ଯୁବକ ଛିଟକି ପଡ଼ି ଆହତ ହୋଇଥିଲେ। ଉଭୟଙ୍କୁ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସରେ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ଆଶୁତୋଷଙ୍କୁ ଡାକ୍ତର ସେଠାରେ ମୃତ ଘୋଷିତ କରିଥିଲେ। ତିର୍ତ୍ତୋଲ ପୁଲିସ ଘଟଣାର ତଦନ୍ତ କରୁଛି।

# ସୋମନାଥ ଗଲେ ଜଗତସିଂହପୁର ତୀର୍ଥଯାତ୍ରୀ




ଜଗତସିଂହପୁର,୧୫।୬(ସମିସ): ଗତ ୧୪ ତାରିଖ ଅପରାହ୍ନରେ ଜଗତସିଂହପୁର ଜିଲ୍ଲାରୁ ୧୯ଜଣ ତୀର୍ଥଯାତ୍ରୀ ସରକାରଙ୍କ ସୋମନାଥ ପର୍ବ-୨୦୨୬ ଯୋଜନାରେ ସାମିଲ ହୋଇ ସୋମନାଥ ଦର୍ଶନ ଅଭିମୁଖେ ଯାତ୍ରା କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ଗୋଟିଏ ବସ୍ ଯୋଗେ ଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ତୀର୍ଥଯାତ୍ରୀମାନଙ୍କ ସହିତ ସେମାନଙ୍କର ସୁରକ୍ଷିତ ଓ ନିରାପଦ ଯାତ୍ରା ନିମନ୍ତେ ରାଜେଶ କୁମାର ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ, ଜଗତସିଂହପୁର ଏବଂ ଏହି ଯାତ୍ରା ନିମନ୍ତେ ସରକାରଙ୍କ ଦ୍ୱାରା ନିଯୁକ୍ତି ହୋଇଥିବା ଜିଲ୍ଲା ସଂଯୋଜକ ରୋସନ କୁମାର ସାହାଣୀ ଗସ୍ତ କରିଛନ୍ତି। ୧୫ ତାରିଖରେ ଏହି ତୀର୍ଥଯାତ୍ରୀ ମାନେ ସ୍ୱତନ୍ତ୍ର ଟ୍ରେନ ଯୋଗେ ଭୁବନେଶ୍ୱରଠାରୁ ସେମାନେ ସୋମନାଥ ଅଭିମୁଖେ ଯାତ୍ରା କରିଛନ୍ତି।

## ଜେଲ୍ ଗଲା ହତ୍ୟାକାରୀ ପୁତ୍ର

ବାଲିକୁଦା,୧୫।୬(ସମିସ): ନିଜ ପିତା ଓ ସାବତ ମା'କୁ କଟୁରିରେ ହାଣି ପହିଲି ରଜକୁ ରକ୍ତରଞ୍ଜିତ କରିଥିବା ନୃଶଂସ ପୁତ୍ର ଦିଲ୍ଲୀପ ପରିଡ଼ାକୁ ପୁଲିସ୍ ଗିରଫ କରି କୋର୍ଟଚାଲାଣ କରିଛି। ତେବେ ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ ପଠାଇ ଦିଆଯାଇଛି।



ଗତକାଲି ବାଲିକୁଦା ଥାନା ଅନ୍ତର୍ଗତ ତେର୍ତ୍ତାଙ୍ଗ ଗ୍ରାମର ଦିଲ୍ଲୀପ ସମ୍ପତ୍ତି ବିବାଦକୁ କେନ୍ଦ୍ରକରି ପୂର୍ବ ଯୋଜନା ମୁତାବକ ନିଜ ପିତା ସତ୍ୟାନନ୍ଦ ପରିଡା (୬୫) ଓ ମାତା ଚାରୁଲତା ପରିଡ଼ାକୁ ଧାରୁଆ କଟୁରିରେ ନିଜ ଘରେ ହାଣି ହତ୍ୟା କରିଥିଲା। ଗ୍ରାମବାସୀଙ୍କଠାରୁ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦିଲ୍ଲୀପକୁ କାବୁ କରି ବାଲିକୁଦା ଥାନାକୁ ନେଇଥିବା ବେଳେ ଘଟଣାସ୍ଥଳରେ ଏସ୍‌ପି ଅଙ୍କିତ ବର୍ମା ଓ ଥାନା ଅଧିକାରୀ କାବୁଲି ବାରିକ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କରିଥିଲେ। ତେବେ ହତ୍ୟା ସଂପର୍କରେ ଅଭିଯୋଗ କରିବାକୁ ମୃତକଙ୍କ ପରିବାରରେ ଆଉ କେହି ସଦସ୍ୟ ନଥିବାରୁ ପୁଲିସ୍ ୧୧୨ ଟିମ୍ ଦ୍ୱାରା ଏକ ଲିଖିତ ଅଭିଯୋଗ ଆଧାରରେ ୨୩୪/୨୬ ରେ ଏକ ହତ୍ୟା ମାମଲା ରୁଜୁ କରିଥିଲା। ଅଭିଯୁକ୍ତକୁ ଡାକ୍ତରୀ ଚିକିତ୍ସା କରାଇବା ପରେ ଅପରାହ୍ନ ୪ ଘଟିକାରେ କୋର୍ଟଚାଲାଣ କରିଥିଲା। ପରେ ଦିଲ୍ଲୀପର ପତ୍ନୀ ଓ ଭିଣୋଇ ଆସିବା ପରେ ଶବ ବ୍ୟବଚ୍ଛେଦ ବ୍ୟବସ୍ଥା ପୁଲିସ ପକ୍ଷରୁ କରାଯାଇ ଶବକୁ ହସ୍ତାନ୍ତର କରାଯାଇଥିଲା। ହତ୍ୟା ପଛର କାରଣ ସମ୍ପର୍କରେ ଥାନା ଅଧିକାରୀ କାବୁଲି ବାରିକ କହିଛନ୍ତି ଯେ ଅଭିଯୋଗକାରୀ ତାର ବୟାନରେ କହିଛି କି ସେ ପିତାଙ୍କ ଗୋଟିଏ ପୁତ୍ର ହୋଇଥିଲେ ମଧ୍ୟ ସାବତ ମା'ର ବୁଦ୍ଧିରେ ପଡ଼ି ବାପା ତାକୁ ହତାଦର କରୁଥିଲେ। ଏପରିକି ଜମି ଗୁଡିକ ବିକ୍ରି କରି ପଛ ସ୍ତ୍ରୀର ଭଉଣୀ ଅର୍ଥାତ ଶାଳୀକୁ ଦେଇ ଦେଇଥିଲେ। ଯେଉଁ କାରଣରୁ ଉତ୍କ୍ଷିପ୍ତ ହୋଇ ପ୍ରତିଶୋଧ ପରାୟଣ ହୋଇ ଏପରି ନୃଶଂସ ହତ୍ୟାକାଣ୍ଡ କରିଥିବା କହିଛି।

## ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷଙ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ମର୍ଯ୍ୟାଦା ପ୍ରଦାନ

ଜଗତସିଂହପୁର,୧୫।୬(ସମିସ): ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ମର୍ଯ୍ୟାଦା ପ୍ରଦାନ କରାଯାଇଛି। ଓଡ଼ିଶା ସରକାରଙ୍କ ବିଜ୍ଞପ୍ତି ନଂ. ୫୮୩୮ ଏବଂ ଯୋଜନା ଓ ସଂଯୋଜନ ବିଭାଗ, ଓଡ଼ିଶା ସରକାରଙ୍କ ପତ୍ର ସଂଖ୍ୟା ୮୪୫୭ ଦ୍ୱାରା ବିଧାୟକ ଅମରେନ୍ଦ୍ର ଦାସଙ୍କୁ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ମନୋନୀତ କରାଯିବା ସହ ତାଙ୍କୁ ଓଡ଼ିଶା ରାଜ୍ୟର ରାଷ୍ଟ୍ରମନ୍ତ୍ରୀ ପାହ୍ୟା ମର୍ଯ୍ୟାଦା ପ୍ରଦାନ କରାଯାଇଛି। ଏହି ମର୍ଯ୍ୟାଦା ବିଧାୟକଙ୍କ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପଦରେ ଯୋଗଦାନ ଦିବସ ମେ' ୭ ତାରିଖ ଠାରୁ କାର୍ଯ୍ୟକାରୀ କରାଯିବା ନିମନ୍ତେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ରହିଛି ବୋଲି ଜିଲ୍ଲା ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଅଳକା ଆଶ୍ରମ ପରିଚାଳନା କମିଟି ବୈଠକ

ଜଗତସିଂହପୁର,୧୫।୬(ସମିସ): ଐତିହାସିକ ଅଳକା ଆଶ୍ରମର ପରିଚାଳନା କମିଟି ବୈଠକ ଆବାହକ ଦେବେନ୍ଦ୍ର ନାଥ ରାଉତଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଇତିହାସରେ ଲିପିବଦ୍ଧ ଥିବା ଏହି ଅନୁଷ୍ଠାନକୁ ଆଗାମୀ ପିଢ଼ିଙ୍କ ପାଇଁ ଉତ୍ସାହ ଓ ଉଦ୍ଦୀପନାର ଏକ ପ୍ରାଣକେନ୍ଦ୍ରରେ ପରିଣତ କରିବା ନିମିତ୍ତ ସମସ୍ତ ସଦସ୍ୟ ସଦସ୍ୟା ସଂକଳ୍ପବଦ୍ଧ ବୋଲି ଆବାହକ ଶ୍ରୀ ରାଉତ ତାଙ୍କ ପ୍ରାରମ୍ଭିକ ଅଭିବ୍ୟକ୍ତିରେ ପ୍ରକାଶ କରିଥିଲେ। ଏହି ବୈଠକରେ ଅଳକା ପାଠାଗାର ଯାହା ଜିଲ୍ଲାର ଏକ ଗବେଷଣାତ୍ମକ ପାଠାଗାରରେ ରୂପାନ୍ତରିତ କରିବା ପାଇଁ ସମସ୍ତ ପ୍ରୟାସ କରାଯିବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଶିକ୍ଷାବିତ ସରୋଜ କୁମାର ବେହେରା, ପ୍ରକାଶ ରଞ୍ଜନ ଦାସ, ବିଜୟଲକ୍ଷ୍ମୀ ଆଚାର୍ଯ୍ୟଙ୍କ ସମେତ ଅନ୍ୟ ସଦସ୍ୟମାନେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଭାରତ ସରକାରଙ୍କ ନୂତନ ଶିକ୍ଷାନୀତି-୨୦୨୦ ଆନୁକୂଲ୍ୟରେ ସ୍ନାତକ ଛାତ୍ରଛାତ୍ରୀଙ୍କ ପାଇଁ ଆୟୋଜିତ ହେଉଥିବା ଇଣ୍ଟର୍ନସିପ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅଳକା ଆଶ୍ରମର ସଦସ୍ୟମାନେ ସମର୍ପିତ ପ୍ରୟାସ ଜାରି ରଖିଛନ୍ତି। ଏହି କାର୍ଯ୍ୟକ୍ରମକୁ ପ୍ରଭାବୀ କରିବା ପାଇଁ ଭଗବାନ ଦାଶଙ୍କ ସଂଯୋଜନାରେ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, ପ୍ରତାପ କୁମାର ଲେଙ୍କା, ଡ. ନିରଞ୍ଜନ ବିଶ୍ୱାଳ, ଡ. ମୌସୁମୀ ପରିଡା, ଶାନ୍ତନୁ କୁମାର ମିଶ୍ର ପ୍ରମୁଖ ଶିକ୍ଷାବିତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥି ସହିତ କ୍ରାନ୍ତି ଦିବସରୁ ମୁକ୍ତି ଦିବସ ପର୍ଯ୍ୟନ୍ତ "ନିଶାମୁକ୍ତ ଯୁବଶକ୍ତି କାର୍ଯ୍ୟକ୍ରମ' ର ତୃତୀୟ ବାର୍ଷିକୀ ଆସନ୍ତା ଅଗଷ୍ଟ ୯ରୁ ୧୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ବ୍ୟାପୀ ଆୟୋଜନ କରିବା ପାଇଁ ସମସ୍ତ ବ୍ଲକର ସଂଯୋଜକମାନେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରେ ନଗେନ୍ଦ୍ର ନାଥ ସ୍ୱାଇଁ, ପ୍ରେମଲତା ବାରିକ, ସୁରେଶ କୁମାର ପ୍ରଧାନ, ସୁଧୀର କୁମାର ବିଶ୍ୱାଳ, ବାସବ କୁମାର ନନ୍ଦ, ପ୍ରଦୀପ୍ତ କୁମାର ଶତପଥି ପ୍ରମୁଖ ଅଟନ୍ତି। ଅଳକା ଆଶ୍ରମର ଦୈନନ୍ଦିନ କାର୍ଯ୍ୟକ୍ରମକୁ ଆହୁରି ସଶକ୍ତ କରିବା ପାଇଁ କୋଷାଧ୍ୟକ୍ଷ ବିଜୟ କୁମାର ରଥ, ଜ୍ୟୋତିରଞ୍ଜନ ପ୍ରଧାନ, ସ୍ନେହମୟୀ ଆଚାର୍ଯ୍ୟ, ସୁଭାଷ ଚନ୍ଦ୍ର ରାଉତ, ରମେଶ ଚନ୍ଦ୍ର ବହିରା, ଜ୍ଞାନ ରଞ୍ଜନ ଆଚାର୍ଯ୍ୟ, ସ୍ମୃତିରଞ୍ଜନ ପରିଡା, ଜିତୁପ୍ରସାଦ ମଲ୍ଲିକ, ସତ୍ୟଜିତ ମହାନ୍ତି, ଅଜୟ କୁମାର ଗୋଚ୍ଛାୟାତ, ଆଲୋକ ରଞ୍ଜନ ଦାସଙ୍କ ସମେତ ଅନ୍ୟ ସଦସ୍ୟମାନଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି।

## ମାମୁ ଘରେ ଭାଣିଜୀର ଆତ୍ମହତ୍ୟା

ବାଲିକୁଦା,୧୫।୬(ସମିସ): ବାଲିକୁଦା ଥାନା ଅନ୍ତର୍ଗତ କୁସୁପୁର ପଞ୍ଚାୟତ ଦଣ୍ଡାବେଦୀ ଗ୍ରାମର ରଞ୍ଜନ ଦାସଙ୍କ ଘରେ ତାଙ୍କ ସଂପର୍କୀୟ ଭାଣିଜୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଉଛନ୍ତି ବାଲିକୁଦା ଥାନା ଅନ୍ତର୍ଗତ ଅଡ଼ଙ୍ଗା ପଞ୍ଚାୟତ ଦାଗାଁ ଗ୍ରାମର ବିପନ ପରିଡ଼ା ଓ ବନ୍ଦିତା ପରିଡ଼ାଙ୍କ ଷଷ୍ଠ କନ୍ୟା ସପ୍ତମ ଶ୍ରେଣୀର ଛାତ୍ରୀ ଶୁଭଲକ୍ଷ୍ମୀ ପରିଡା (୧୩)। ସୂଚନା ଅନୁଯାୟୀ ବନ୍ଦିତାଙ୍କୁ ତାଙ୍କ ସ୍ୱାମୀ ଅଣଦେଖା କରିବା ସହ ଘରୁ ବାହାର କରି ଦେଇଥିବା କାରଣରୁ ସେ ଦୀର୍ଘ ୨ ବର୍ଷ ହେବ ନିଜର ସମ୍ପର୍କୀୟ ଭାଇ ଘରେ ରହି ଆସୁଥିଲେ। ତାଙ୍କର ୪ ଝିଅଙ୍କ ବିବାହ କରିଦେଇଥିବା ବେଳେ ଅନ୍ୟ ୨ ଜଣଙ୍କୁ ନିଜ ସାଙ୍ଗରେ ନେଇ ଆସିଥିଲେ। ଜଣେ କଟକରେ ରହି ପଢୁଥିବା ବେଳେ ଶୁଭଲକ୍ଷ୍ମୀ ଦଣ୍ଡାବେଦୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପଢୁଥିଲେ। ହେଲେ ଗତକାଲି ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଘରେ କେହି ନଥିବାର ସୁଯୋଗ ନେଇ ବେକରେ ଗାମୁଛା ଲଗାଇ ଘର ମଧ୍ୟରେ ଥିବା ବାଉଁଶରେ ଓହଳି ପଡ଼ିଥିଲେ। ପରିବାରର ସୂଚନା ଅନୁଯାୟୀ ଶୁଭଲକ୍ଷ୍ମୀ ଗତକାଲି ତାର ମାମୁ ସହ ରଜ ଡ୍ରେସ କିଣି ସାରି ମାମୁକୁ ଚିକେନ ଆଣିବାକୁ କହିଥିଲା। ବୋଉ ବନ୍ଦିତା ତେନ୍ତୁଳୀବେଲାରୀ ଏକ କାର୍ଯ୍ୟରେ ଯାଇଥିବା ବେଳେ ମାମୁ ମଧ୍ୟ ଏରସମା ଯାଇଥିଲେ। ଘରେ ଥିବା ବୁଢ଼ୀ ମା' ଛେଳି ଚରାଇବାକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ ସେ ଆତ୍ମହତ୍ୟା କରିଥିଲା। ତେବେ ମୃତ୍ୟୁର ପ୍ରକୃତ କାରଣ କ'ଣ ଜଣାପଡ଼ି ନାହିଁ। ଏନେଇ ବାଲିକୁଦା ପୁଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ଜଗତସିଂହପୁର ମେଡିକାଲ ପଠାଇ ଦିଆଯାଇଥିଲା। ବ୍ୟବଚ୍ଛେଦ ହୋଇ ପରିବାରକୁ ହସ୍ତାନ୍ତର କରାଯିବା ପରେ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଅନ୍ତିମ ସଂସ୍କାର କରାଯାଇଛି। ଏନେଇ ଅନନ୍ତପୁର ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ବେହେରା କହିଛନ୍ତି କି ଆମେ ସୂଚନା ପାଇ ଶବକୁ ଜବତ କରି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲୁ। ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ଲାଗୁଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ସତ୍ୟ ସମ୍ମୁଖକୁ ଆସିବ ବୋଲି କହିଥିଲେ।

## ହିନ୍ଦୋଳ ସାମ୍ବାଦିକସଙ୍ଘର ସାଧାରଣ ବୈଠକ



ହିନ୍ଦୋଳ/ଖଜୁରିଆକଟା,୧୫ ।୬(ସମିସ): ହିନ୍ଦୋଳ ସାମ୍ବାଦିକ ସଙ୍ଘର ସାଧାରଣ ବୈଠକ ସାତମାଇଲ ନିକଟରେ ଅନୁଷ୍ଠିତ ହୋଇଛି । ସଂଘ ସଭାପତି ସୁମନ୍ତ ଦେହୁରୀ ଓ ସମ୍ପାଦକ ପ୍ରଭାତ ରଞ୍ଜନ ପୃଷ୍ଟିଙ୍କ ନେତୃତ୍ୱରେ ବୈଠକ ହୋଇଥିଲା । ହିନ୍ଦୋଳ ଉପଖଣ୍ଡର ବିଭିନ୍ନ ବିଭାଗରେ ଦିନକୁ ଦିନ ଦୁର୍ନୀତି ବଢ଼ିଚାଲିଥିବା ବେଳେ ଏ ସମ୍ପର୍କରେ ସାମ୍ବାଦିକମାନେ ମଧ୍ୟ ଖବର ପ୍ରକାଶ କରିଆସୁଛନ୍ତି । ମାତ୍ର ଦାୟିତ୍ୱରେ ଥିବା ଉଚ୍ଚ ଅଧିକାରୀମାନେ ଏହାକୁ ଗୁରୁତ୍ୱ ଦେଉନାହାନ୍ତି । ବାରମ୍ବାର ଖବର ପ୍ରକାଶ ପାଇଲେ ମଧ୍ୟ କୌଣସି ତଦନ୍ତ କରାଯାଉ ନ ଥିବାରୁ ଏ ନେଇ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା । ଏ ନେଇ ସଙ୍ଘର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅବଗତ କରିବେ ବୋଲି ନିଷ୍ପତ୍ତି ହୋଇଛି । ସଙ୍ଘର ସଦସ୍ୟମାନଙ୍କୁ କୌଣସି ଅଧିକାରୀ ବିରୁଦ୍ଧାଚରଣ କଲେ ସଙ୍ଘ ଏହାର ଦୃଢ଼ ପ୍ରତିବାଦ କରିବ ବୋଲି ପ୍ରସ୍ତାବ ଗୃହୀତ ହୋଇଛି । ଉପଖଣ୍ଡରେ ହେଉଥିବା ଦୁର୍ନୀତି ବିରୋଧରେ କଲମ ଚାଳନା ସହ ଖବର ପ୍ରସାରଣକୁ ତ୍ୱରାନ୍ୱିତ କରିବା ପାଇଁ ନିଷ୍ପତ୍ତି ହୋଇଛି । ବୈଠକରେ ସମ୍ପାଦକ ପ୍ରଭାତରଞ୍ଜନ ପୃଷ୍ଟି, ବରିଷ୍ଠ ସଭ୍ୟ ବ୍ରହ୍ମାନନ୍ଦ ପଟ୍ଟନାୟକ, ରବିନାରାୟଣ ପଟ୍ଟନାୟକ, ପ୍ରଦ୍ୟୁମ୍ନ ବେହେରା, ସଞ୍ଜୟ ପାଲ, ପ୍ରକାଶ ନାୟକ, ଜଗନ୍ନାଥ ଦାସ, ପ୍ରତାପ ପଟ୍ଟନାୟକ, ବିନୟ ବେହେରା, ନୀଳକଣ୍ଠ ଦାସ, ରମେଶ ସାହୁ, ଦୀପ୍ତିକାନ୍ତ ପ୍ରଧାନ, ଧବଳ ପ୍ରସାଦ ସାହୁ, ସୌଭାଗ୍ୟ ରଞ୍ଜନ ସର, ପ୍ରଶାନ୍ତ ଜେନାମଣି, ଗୌତମ ମୁଦୁଲି, ସୁଶାନ୍ତ ସାମଲ, ଦୀନେଶ ଦେହୁରୀ, ଶାନ୍ତନୁ ସାହୁ, କିଶୋର ପାଳ, ତ୍ରିଲୋଚନ ପାଳ, ସରୋଜ ଭୂତିଆ, ହେମନ୍ତ ସାହୁ, ସରୋଜ ମିଶ୍ର ପ୍ରମୁଖ ୪୦ରୁ ଊର୍ଦ୍ଧ୍ୱ ସାମ୍ବାଦିକ ଯୋଗଦେଇଥିଲେ ।

## ମୁକୁନ୍ଦପୁର ଗ୍ରାମରେ ରଜ ମହୋତ୍ସବ



ଢେଙ୍କାନାଳ,୧୫ ।୬(ସମିସ): ଗଁଦିଆ ବ୍ଲକ ମୁକୁନ୍ଦପୁର ଗ୍ରାମରେ ରଜ ମହୋତ୍ସବ ଧୁମଧାମରେ ପାଳିତ ହେଉଛି । ଘରେ ଘରେ ପିଠାପଣା ସାଙ୍ଗକୁ ବନ୍ଧୁବାନ୍ଧବଙ୍କ ଗହଳିଚହଳି ଲାଗିରହିଛି । ରଜ ମହୋତ୍ସବ ପଡ଼ିଆକୁ ଗ୍ରାମବାସୀଙ୍କ ଦ୍ୱାରା ସୁସଜ୍ଜିତ କରାଯାଇଛି । ପଡ଼ିଆରେ ରାମଦୋଳି, ଅରଟ ଦୋଳି, ବଡ଼ ପଟା ଦୋଳି, ଛୋଟ ପଟା ଦୋଳି, ଚକ୍ର ଦୋଳି, ସର ଦୋଳି, ଏୟାର ଦୋଳି, ବୋଇତ ଦୋଳି, ସାଇକଲ ଦୋଳି, ଗାଣ୍ଡୁଆ ଦୋଳି, ଟାୟାର ଦୋଳି, ଢ଼ିପି ଦୋଳି, ଫ୍ୟାନ ଦୋଳି, ଝୁଲଣ ଦୋଳି, ଶଗଡ଼ ଦୋଳି, ବାଉଁଶ ଦୋଳି ଆଦି ୧୫ ପ୍ରକାରର ଦୋଳି ବ୍ୟବସ୍ଥା କରାଯାଇଥିଲା । ପାନୀୟ ଜଳ ବ୍ୟବସ୍ଥା ସହିତ ପ୍ରତ୍ୟେକ ବ୍ୟକ୍ତି କିପରି ସୁରକ୍ଷିତ ଭାବେ ଦୋଳିର ମଜା ନେଇପାରିବେ ସେ ନେଇ କମିଟି ଦୁଇ ଜଣ ଲେଖାଏଁ ଯୁବକଙ୍କୁ ପ୍ରତି ଦୋଳି ନିକଟରେ ନିୟୋଜିତ କରାଯାଇଛି । ମହୋତ୍ସବ ଉପଭୋଗ କରିବା ପାଇଁ ଆଖପାଖ ଅଞ୍ଚଳରୁ ଶତାଧିକ ଲୋକଙ୍କ ସମାଗମ ହେଉଛି । କମିଟି ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ମହୋତ୍ସବ ପଡ଼ିଆରେ ବିଭିନ୍ନ ଦୋକାନ ବଜାର ମଧ୍ୟ ପଡ଼ିଛି । ସୋମବାର ରଜ ସଂକ୍ରାନ୍ତି ଥିବାରୁ ଅଧିକ ଭିଡ଼ ଦେଖିବାକୁ ମିଳିଥିଲା ।

## ହିନ୍ଦୋଳରେ ରଜ ମହୋତ୍ସବ ଓ କବି ସମ୍ମିଳନୀ



ଢେଙ୍କାନାଳ,୧୫ ।୬(ସମିସ): ହିନ୍ଦୋଳ ବ୍ଲକ ସମ୍ମିଳନୀ କକ୍ଷରେ ପ୍ରଶାସନ ପକ୍ଷରୁ ଉପଖଣ୍ଡସ୍ତରୀୟ ରଜ ମହୋତ୍ସବ ଓ କବି ସମ୍ମିଳନୀ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ବେହୁରା ଯୋଗଦେଇ ଯୁବ ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ସାହିତ୍ୟ ଓ କବିତା ପ୍ରତି ଆଗ୍ରହ ବିକଶିତ କରିବାକୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ହିନ୍ଦୋଳ ଏସଡିପିଓ ସତ୍ୟକୁମାର ନନ୍ଦ, ତହସିଲଦାର ଦିଲୀପ କୁମାର ସେଠୀ ଏବଂ ଏନଏସି ଅଧ୍ୟକ୍ଷ କେଶବ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ । କବି ସମ୍ମିଳନୀରେ ହିନ୍ଦୋଳ, ଅନୁଗୋଳ ଓ ଆଖପାଖ ଅଞ୍ଚଳରୁ ଆସିଥିବା ୩୦ରୁ ଅଧିକ କବି ଅଂଶଗ୍ରହଣ କରି ସ୍ୱରଚିତ କବିତା ପାଠ କରିଥିଲେ । ଏସ୍‌ଡିପିଓ ନନ୍ଦ ଓ ତହସିଲଦାର ସେଠୀ ମଧ୍ୟ ନିଜ ରଚିତ କବିତା ପାଠ କରି ଦର୍ଶକଙ୍କ ପ୍ରଶଂସା ସାଉଁଟିଥିଲେ । ଏହି ଅବସରରେ ୨୫ ଜଣ ମେଧାବୀ ଛାତ୍ରୀଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ । ସେମାନଙ୍କୁ ନୂତନ ପୋଷାକ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ସ୍ଥଳରେ ସ୍ଥାପିତ ସେଲଫି ଷ୍ଟାଣ୍ଡ ନିକଟରେ ଛାତ୍ରଛାତ୍ରୀ ଓ ସାଧାରଣ ଲୋକେ ଉତ୍ସାହର ସହ ଫଟୋ ଉଠାଇଥିଲେ ।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନ,୧୫ ।୬(ସମିସ): ରଜରେ ବାପଘରକୁ ଆସିଥିବା ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି । ଘଟଣା ଘଟିଛି ଭୁବନ ଥାନା ମହୁଲପାଳ ଗ୍ରାମରେ । ମୃତକ ହେଲେ କାଳନ୍ଦୀ ରାଉତଙ୍କ ଝିଅ ରୂପାଲୀ ରାଉତ । ରୂପାଲୀ ଅନଳ ଗ୍ରାମର ବିଶ୍ୱଜିତ ବାରିକଙ୍କୁ ବର୍ଷେ ତଳେ ବିବାହ କରିଥିଲେ । ତେବେ ରବିବାର ସେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବାବେଳେ ସୋମବାର ଭୋର ସମୟରେ ଚେତା ହରାଇବାରୁ ପରିବାର ଲୋକେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ଘଟଣାର ତଦନ୍ତ କରୁଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି ।

# ରାସ୍ତାରେ ପାର୍କିଂ ଫି' ଆଦାୟ, ପ୍ରଶାସନ ନିରବ !

ଗଁଦିଆ,୧୫ ।୬(ସମିସ)



ରଜପର୍ବ ପାଳନ ଅବସରରେ ପ୍ରସିଦ୍ଧ ଶୈବପୀଠ କପିଳାସକୁ ହଜାର ହଜାର ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସୁଅ ଛୁଟୁଥିବା ବେଳେ ପାର୍କିଂ ବ୍ୟବସ୍ଥାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି । ନିର୍ଦ୍ଧାରିତ ପାର୍କିଂ ସ୍ଥାନ ବ୍ୟତୀତ କପିଳାସ ପଥପ୍ରାନ୍ତ ସୁବିଧା କେନ୍ଦ୍ର ସମ୍ମୁଖରେ ଥିବା ପୂର୍ତ୍ତ ବିଭାଗ ରାସ୍ତାରେ ଯାନ ରଖୁଥିବା ଲୋକଙ୍କ ଠାରୁ ଜୋରଜବରଦସ୍ତି ପାର୍କିଂ ଫି ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ପାର୍କିଂ ପାଇଁ ନିଲାମ ହୋଇଥିବା ସ୍ଥାନ ଅଲଗା ଥିବା ସତ୍ତ୍ୱେ କର୍ମଚାରୀମାନେ ରାସ୍ତା ଉପରେ ଗାଡ଼ି ରଖୁଥିବା ଶ୍ରଦ୍ଧାଳୁଙ୍କ ଠାରୁ ଫି ଆଦାୟ କରୁଛନ୍ତି । ଏପରିକି କେତେକ ସ୍ଥାନରେ କୌଣସି ସୂଚନା ଫଳକ କିମ୍ବା ନିର୍ଦ୍ଧାରିତ ଦର ତାଲିକା ନଥିବାରୁ ଲୋକମାନେ ଦ୍ୱନ୍ଦ୍ୱରେ ପଡ଼ୁଥିବା ବେଳେ ଅନେକେ ନିଜକୁ ଠକାମିର ଶିକାର ବୋଲି ଅଭିଯୋଗ କରିଛନ୍ତି । ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ଯାଇଥିବା ଗଁଦିଆର ସାମ୍ବାଦିକମାନେ ରାସ୍ତା ଉପରେ ପାର୍କିଂ ଆଦାୟର ବୈଧତା ସମ୍ପର୍କରେ ପଚାରିବାରୁ କେତେକ କର୍ମଚାରୀ ସେମାନଙ୍କ ଭିଡିଓ ଉତ୍ତୋଳନ କରି ପରିହାସ କରିଥିବା ଅଭିଯୋଗ ହୋଇଛି । ଏହାକୁ ଗଁଦିଆ ପ୍ରେସ କ୍ଲବ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି । ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ଦୃଢ଼ ପଦକ୍ଷେପ ନିଆଯାଉ ନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ରଜ ସମୟରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ସୁଯୋଗ କରି ଏଭଳି ଆଦାୟ ଚାଲିଥିବା ଚର୍ଚ୍ଚା ହେଉଥିବା ବେଳେ ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି ।

## ବାରିଜାଙ୍ଗ କେନାଲରୁ ମାଟି ତାଡ଼ି ନେଲେ

ଭୁବନ,୧୫ ।୬(ସମିସ): ଭୁବନ ଦେଇ ପ୍ରବାହିତ ରେଙ୍ଗାଲି ବାମ ମୁଖ୍ୟ କେନାଲର ଏକ ତଳ ମୁଣ୍ଡ କେନାଲ ରାସ୍ତାରୁ ମାଟି ତାଡି ନିଆଯାଇଥିବା ଦେଖା ଯାଇଛି । ଅଭିଯୋଗରୁ ଜଣାଯାଏ ଯେ ଭୁବନ ବ୍ଲକ ଓଡିଶ ଠାରୁ ସୃଷ୍ଟି ହୋଇଥିବା ଭୁବନ ଶାଖା କେନାଲର ତଳ ମୁଣ୍ଡରେ ରହିଛି କଣ୍ଟାପାଳ ମାଇନର କେନାଲ । ଏହି କେନାଲରୁ ବାରିଜାଙ୍ଗ ଠାରେ ଏକ ସବ ମାଇନର କେନାଲ ବାହାରି ଭୁବନ ଢେଙ୍କାନାଳ ପୂର୍ତ୍ତ ରାସ୍ତା ପାର ହୋଇ ଦକ୍ଷିଣ କୁ ଯାଇଛି । କଣ୍ଟାପାଳ ମାଇନରକେନାଲରେ ୧୯ ଟି କାଡ଼ା କରନାଳି କେନାଲ ଚଳିତ ବର୍ଷ କରାଯାଇଛି । ଭୁବନ ଢେଙ୍କାନାଳ ପୂର୍ତ୍ତ ବିଭାଗ ରାସ୍ତା କୁ ବାରିଜାଙ୍ଗ ସବ ମାଇନର କେନାଲ ସଂଯୋଗ ସ୍ଥାନରୁ କେହି ଦୁର୍ବୃତ୍ତ କାଡା କାମ ଚାଲିଥିବା ସମୟରେ ମାଟି ତାଡି ନେଇଛି । ଯାହା ଫଳରେ ଏହି ରାସ୍ତାରେ ଟ୍ରାକ୍ଟର ଯିବାକୁ ସୁବିଧା ଥାଇ ବି ଏବେ ପାଦରେ ଚାଲି କରି ଯିବା ସମ୍ଭବ ହେଉନାହିଁ । ତେବେ ଏହି ରାସ୍ତାକୁ କିଏ କାଟିଲା ତାହା ଜଣାପଡ଼ିନାହିଁ । ଏନେଇ ଏହି କଣ୍ଟାପାଳ ମାଇନର କେନାଲକୁ ନେଇ ହୋଇଥିବା ବାଜିରାଉତ ପାଣି ପଞ୍ଚାୟତର ସଭାପତି କୁହନ୍ତି ଏସବୁ ଆମ ଜାଣିବା ବାହାରେ ହୋଇଛି । ଘଟଣା ସ୍ଥଳକୁ ଯାଇ କ୍ଷେତ୍ର ପରୀକ୍ଷଣ କରିବା ପରେ ଯାହା କିଛି କହିପାରିବି । ଗତ କାଲି କେତେ ଜଣ ଚାଷୀ ଆସି କହିଥିଲେ । ମୁଁ ବାହାରିଥିଲି । ରଜ ପରେ ଯାଇ ଦେଖିବି କରନାଳି କାର୍ଯ୍ୟ ସହ ଏହି ରାସ୍ତାର କଣ ସମ୍ପର୍କ ରହିଛି । କରନାଳି ଯୋଗୁଁ ଚାଷୀ କୁ ଜମିରେ କିଛି କ୍ଷତି ହୋଇଛି କି ନାହିଁ ତାହା ତଦନ୍ତ କରାଯିବ । ଭୁବନ ଜୋନର ଅଧିକ୍ଷଣ ଯନ୍ତ୍ରୀ ଦୁଃଖୁ କିସ୍କୁ କୁହନ୍ତି ଏ ସମ୍ପର୍କରେ କୌଣସି ଚାଷୀ ଅଭିଯୋଗ କରିନାହାନ୍ତି । ରଜ ଛୁଟି ଅଛି । ଛୁଟି ଖୋଲିଲେ ତଦନ୍ତ କରାଯିବ ।

## ରଜ ସଂକ୍ରାନ୍ତି ଶୈବପୀଠ କପିଳାସରେ ଲକ୍ଷାଧିକ ଭକ୍ତଙ୍କ ସମାଗମ

ଗଁଦିଆ,୧୫ ।୬(ସମିସ): ରଜ ସଂକ୍ରାନ୍ତି ଅବସରରେ ପ୍ରସିଦ୍ଧ ଶୈବପୀଠ କପିଳାସରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି । ଏହି ଅବସରରେ କପିଳାସରେ ୨୪ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ତେଣୁ ସ୍ଥାନୀୟ ଲୋକଙ୍କ ସମେତ କଟକ, ଅନୁଗୋଳ, ଯାଜପୁର ଓ କେନ୍ଦୁଝର ଆଦି ଜିଲ୍ଲାଗୁଡ଼ୁ ପ୍ରାତଃ ସମୟରୁ କପିଳାସଠାରେ ବିରାଜିତ ମହାପ୍ରଭୁ ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଙ୍କ ଦର୍ଶନ ପାଇଁ ଲୋକେ ଛୁଟି ଆସିଥିଲେ । ପ୍ରାତଃ ସମୟରୁ ଲୋକେ ବାବା ଚନ୍ଦ୍ରଶଖରଙ୍କ ଦର୍ଶନ ପାଇଁ ସିଂହଦ୍ୱାରଠାରୁ ଲମ୍ବା



ଧାଡ଼ିରେ ଠିଆ ହୋଇ ଶାନ୍ତିଶୃଙ୍ଖଳା ସହିତ ଦର୍ଶନ କରିଥିଲେ । ଏହା ସହ ଚିଡ଼ିଆଖାନା ଆଦି ବୁଲିଥିଲେ । ବାରବାଙ୍କ ଦେଇ ଉପରକୁ ଯିବା ପାଇଁ କେବଳ ବାଇକ୍‌ଗୁଡ଼ିକୁ ଛଡ଼ାଯାଇଥିଲା । ଚାରିଚକିଆ ଛଡ଼ାଯାଇ ନ ଥିଲା । ମାତ୍ର ୨୦ଟି ୪ଚକିଆ ଗାଡ଼ିକୁ ଅନୁମତି ଦିଆ ।ଇଥିଲା । ତା' ସାଙ୍ଗକୁ ଖରା, ଗୁଲୁଗୁଳିରେ ଲୋକେ ଅସ୍ତବ୍ୟସ୍ତ ହୋଇପଡ଼ିଥିଲେ । ଭିଡ଼କୁ ଦେଖି ବିଭିନ୍ନ ପ୍ରକାର ଖାଦ୍ୟ, ଖେଳଣା, ଘରକରଣା ସାମଗ୍ରୀ ଦୋକାନ ଖୋଲିଥିଲା । ମଙ୍ଗଳବାର ଶେଷ ରଜ ଥିବାରୁ ଭିଡ଼ ଲାଗି ରହିବ ବୋଲି ଅନୁମାନ କରାଯାଇଛି ।

## ଦିଶୁମ ହୋ ସମାଜର ପ୍ରତିଭା ସମ୍ମାନ ଉତ୍ସବ



ଗଁଦିଆ,୧୫ ।୬(ସମିସ): ଗନ୍ଦିଆ ବ୍ଲକ ଅନ୍ତର୍ଗତ ଚଟିଗର ଗ୍ରାମଠାରେ ଏକ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କୈରବ ଗୁଇଆଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସ୍ଥାନୀୟସମିତି ସଭ୍ୟ ଦଶମା କାଲୁଣ୍ଡିଆ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଚଳିତ ବର୍ଷ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ହୋ' ଜନଜାତିର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ମାନିତ ଅତିଥି ଭାବେ ଅଖିଳ ଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟିର ଓଡ଼ିଶା ପ୍ରଦେଶ ଉପସଭାପତି ମଖମଲ ସଏ, କଟକ ଦିଶୁମ ହୋ ସମାଜ କୋଷାଧ୍ୟକ୍ଷ ଗଣେଶ ହେମ୍ବ୍ରମ, ପୁଲିସ ଅଧିକାରୀ ଦୁର୍ଯ୍ୟୋଧନ ତିରିଆ, ଶିକ୍ଷକ ସାହେବ ହେମ୍ବ୍ରମ ଏବଂ ଶିକ୍ଷୟିତ୍ରୀ ଜାନକୀ ମୁଣ୍ଡ ଯୋଗଦେଇଥିଲେ । ଆଗାମୀ ଜନଗଣନାରେ ନିଜର ମାତୃଭାଷା ହୋ, ଜାତି ହୋ ଏବଂ ଧର୍ମ ସାର୍ନା ଉଲ୍ଲେଖ କରିବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଥିଲା । ପାର୍ବତୀ ସିଦୁ, ସରସ୍ୱତୀ ଗୁଇଆ, ରାଜଲକ୍ଷ୍ମୀ ଲାଗୁରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସୁରେନ୍ଦ୍ର ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରକଳ୍ପସ୍ତରୀୟ ଆଦ୍ୱିକା ଦିବସ ପାଳିତ



ପରଜଙ୍ଗ,୧୫ ।୬(ସମିସ): ଜିଲ୍ଲା ସମନ୍ୱିତ ଶିଶୁ ବିକାଶ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ପରଜଙ୍ଗ ସମିତି କାର୍ଯ୍ୟାଳୟର ସଭାଗୃହରେ ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ବ୍ଲକସ୍ତରୀୟ ଆଦ୍ୱିକା କିଶୋରୀ ସୁଭଦ୍ରା ଦିବସ ପାଳନ ପାଇଁ ସଂଯୋଜନା କରିଥିଲେ । ଚଳିତ ବର୍ଷ ପ୍ରଥମ ଥର ପାଇଁ ପ୍ରକଳ୍ପସ୍ତରୀୟ କିଶୋରୀ ସୁଭଦ୍ରା ଦିବସ ପାଳିତ ହୋଇଯାଇଛି । ପରଜଙ୍ଗ ବ୍ଲକ ଅଧୀନରେ ଥିବା ୨୯ ଟି ପଞ୍ଚାୟତରେ ଥିବା ୨୧୨ ଟି ଅଙ୍ଗନୱାଡି କେନ୍ଦ୍ରର ସୁପରଭାଇଜର୍ ମାନେ ପ୍ରତି ପଞ୍ଚାୟତରୁ ଥିବା କିଶୋରୀ ବାଳିକା ମାନଙ୍କୁ ନେଇ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ । କିଶୋରୀ ବାଳିକା ମାନେ ହାତ ତିଆରି ବିଭିନ୍ନ ପ୍ରକାରର ପିଠା ପଣା ଯଥା ପୋଡ ପିଠା, କାକରା, ଚକୁଳି, ବରା, ମୁହାଁ ପିଠା, ଇଟିଲି, ଚଉପତା ମଣ୍ଡା, ଆରିସା ଇତ୍ୟାଦି ଆଣିଥିଲେ ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା ଯୋଗଦାନ କରିଥିଲେ । ପରଜଙ୍ଗ ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ସ୍ୱର୍ଣ୍ଣଲତା ମହାପାତ୍ର ଉପସ୍ଥିତ ଥିଲେ । ମଞ୍ଚାସିନ ଅତିଥିମାନେ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ଧୂପ ଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ମଞ୍ଚ ପରିଚାଳନା ଜ୍ୟୋତିର୍ମୟୀ ସାହୁ କରିଥିଲେ । ପ୍ରଥମେ ପୁଚି ଖେଳ, ନୃତ୍ୟ, ଯୁଗ୍ମ ନୃତ୍ୟ, ଆଦିବାସୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ଇତ୍ୟାଦି କିଶୋରୀ ମାନେ ପ୍ରଦର୍ଶନ କରିଥିଲେ । ମୁଖ୍ୟଅତିଥି ସମସ୍ତ କିଶୋରୀ ମାନଙ୍କୁ ଗୋଟିଏ ଗୋଟିଏ ଖାତା ସହ ବ୍ୟାଗ୍ ପ୍ରଦାନ କରିଥିଲେ । ଶେଷରେ କିଶୋରୀ ବାଳିକା ମାନେ ଦୋଳିରେ ବସି ଦୋଳି ଗୀତ ଗାଇଥିଲେ । ଏହି ସମୟରେ ମୁଖ୍ୟ ବକ୍ତା ଜିଲ୍ଲା ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ପହଞ୍ଚି କିଶୋରୀ ମାନଙ୍କୁ ଓଡ଼ିଶାର ଗଣ ପର୍ବ ରଜ ସମ୍ବନ୍ଧରେ ସମ୍ୟକ ସୂଚନା ଦେବା ପରେ ନୃତ୍ୟ ଓ ପୁଚୀ ଖେଳରେ କୃତିତ୍ୱ କରିଥିବା କିଶୋରୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ପରଜଙ୍ଗ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିଥିଲେ ।

## ରଜ ପର୍ବରେ ଭୂବନ ଗାଁ ଗହଳି ଉତ୍ସବ ମୁଖର

ଭୁବନ,୧୫ ।୬(ସମିସ): ରଜ ହେଉଛି ଓଡ଼ିଶାର ଗଣପର୍ବ । ଏହି ପର୍ବ ତିନିଦିନ ଧରି ପାଳନ କରାଯାଇଥିଲା ବେଳେ ଆଜି ଦ୍ୱିତୀୟ ଦିନ ରଜ । ସହରାଞ୍ଚଳରେ ରଜର ପ୍ରଭାବ ସେତେଟା ନଥିଲା ବେଳେ ଗାଁ ଗହଳିରେ ଏହା ବେଶ ଧୁମ୍‌ଧାମ୍‌ରେ ପାଳିତ ହେଉଛି । ପୋଡ଼ ପିଠା, ଆମ୍ବ ଓ ପଣଷ ଆଦିର ସମ୍ଭାର ନେଇ ଏହା ତିନିଦିନ ଧରିପାଳିତ ହେଉଥିଲା ବେଳେ ବିଦେଶ ଯାଇଥିବା ଲୋକ, ବାହାରେ ପଢ଼ିଥିବା ପିଲା ଗାଁ'କୁ ଫେରନ୍ତି । ଗାଁରେ ରହୁଥିବା ଲୋକ ସମସ୍ତ ଅଭାବ ଅନଟନକୁ ଭୁଲି ଆନନ୍ଦ ଉଲ୍ଲାସରେ ପାଳନ କରନ୍ତି ଏହି ପର୍ବକୁ । ପଶା, ତାସ, ବାଗୁଡ଼ି ଆଦି ଖେଳରେ ଗାଁର ପୁରୁଷମାନେ ମସଗୁଲ ହେଉଥିଲାବେଳେ ଲୁଡୁ ଖେଳିବା, ଖାଲିପାନ ଖାଇ ଝିଅ ବୋହୂ ନୂଆ ପୋଷାକ ପିନ୍ଧି, ଅତର, ଅଳତା, ମେହେନ୍ଦି ଲଗାଇ ସାହି ସାହି ବୁଲି ଦୋଳି ଖେଳି ଢଗ ଢମାଳି ଆଦି ଗୀତର ସ୍ୱରରେ ପ୍ରକମ୍ପିତ କରିଦିଅନ୍ତି । ଗାଁ ତୋଟା ରଜ ପ୍ରଭାବ କିଛି ପରିମାଣରେ କମି ଆସୁଥିବାର ଲକ୍ଷ୍ୟ କରାଯାଉଛି । ଦେବଦେବୀ ପୀଠ ଏହି ପର୍ବରେ ଉତ୍ସବ ମୁଖର ହୋଇପଡ଼ିଛି । ଭୂବନ ଅଞ୍ଚଳର ରଗଡ଼ିସ୍ଥ ମା'କାଳୁଣି ପୀଠ, ଅଷ୍ଟଶମ୍ଭୁ, ବାବା ବୁଦ୍ଧେଶ୍ୱର, ମା ତାରିଣୀ ପୀଠ, ହିଙ୍ଗୁଳା ମନ୍ଦିରଆଦି ବିଭିନ୍ନ ସ୍ଥାନର ଦେବଦେବୀ ପୀଠ ଉତ୍ସବ ମୁଖରିତ ହୋଇ ଉଠିଛି । ଗାଁ ଗହଳିର ଝିଅ ବୋହୂ ଏଠାକୁ ବହୁସଂଖ୍ୟାରେ ଆସି ଆଦି ବିଭିନ୍ନ ମନ୍ଦିର ଓ ପୀଠରେ ବହୁସଂଖ୍ୟାରେ ଲୋକଗହଳି ଦେଖିବାକୁ ମିଳିଥିଲା । କେତେକ ଲୋକ ମଧ୍ୟ ରଜରେ ବାହାରର ମଠ, ମନ୍ଦିର ଆଦି ପର୍ଯ୍ୟଟନ ସ୍ଥଳୀକୁ ଯାଇ ପର୍ବ ପାଳନ କରୁଥିବା ଦେଖାଯାଉଛି । କାଳୀବଜାର କାଳିଆ ପାନ ଦୋକାନ ଏବଂ ବିଷ୍ଣୁପ୍ରିୟା ଗାଲସ ଆଗରେ ଥିବା ଦୋକାନ, ନୂଆ ବଜାର ଡମ୍ବୁର ପୋଥାଳ ରଜ ପାନ ପାଇଁ ଭିଡ ଦେଖିବାକୁ ମିଳିଛି । ହିଙ୍ଗୁଳା ମନ୍ଦିର ଯୁବକ ଗୋଷ୍ଠୀ ମାଧ୍ୟମରେ କବାଡି ଖେଳ ଦେଖିବାକୁ ଭିଡ ଲାଗିରହିଥିଲା ।

## ଆଦିପୁରାରେ ରଜ ଉତ୍ସବ: ବିଷ୍ଣୁପ୍ରିୟା ଗ୍ରୁପ ପକ୍ଷରୁ ପଲ୍ଲୀପ୍ରତିଭାଙ୍କୁ ସମ୍ମାନୀତ

ଭୁବନ,୧୫ ।୬(ସମିସ): ଭୁବନ ବ୍ଲକ ମାର୍ଥାପୁର ପଞ୍ଚାୟତର ଆଦିପୁରା ଗ୍ରାମର ଲକ୍ଷ୍ମୀ ନାରାୟଣ ମନ୍ଦିର




ପରିସରରେ ୧୪ ତମ ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ରାମ ଦୋଳି, ଚକ୍ରୀ ଦୋଳି ଗଛ ଦୋଳି ସାଙ୍ଗକୁ ନୃତ୍ୟ ସଂଗୀତ ପୁଚି, ଡ୍ୟାନ୍ସ ମୁରୁଜ ପ୍ରତିଯୋଗିତା ଓ ପୂରଣ ପ୍ରତିଯୋଗିତା ହୋଇଥିଲା । ଅତିଥି ଭାବେ ପ୍ୟାରୀମୋହନ ଦାସ, ଅଜିତ ସାହୁ ନବୀନ ସାହୁ ନିରାକାରମିଶ୍ର ବ୍ରଜବନ୍ଧୁ ସାହୁ ଶ୍ରୀବତ୍ସ ସାହୁଯୋଗ ଦେଇଥିଲେ । ବିଷ୍ଣୁପ୍ରିୟା ଗ୍ରୁପ ପକ୍ଷରୁ ଡାଇରେକ୍ଟର ଶୁଭମ ରୋଶନ ସାହୁ ଯୋଗ ଦେଇ ପଲ୍ଲୀପ୍ରତିଭାଙ୍କୁ ସମ୍ମାନୀତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଜୟ କୁମାର ବାରିକ, ମଣ୍ଟୁ ପୃଷ୍ଟି ପ୍ରମୁଖ ପରିଚାଳନା କରିଥିବା ବେଳେ ରାମେଶ୍ୱରୀ ପଟ୍ଟନାୟକ ସଂଯୋଜନା କରିଥିଲେ । ଲିଟୁପ୍ରିୟା ମିଶ୍ରଙ୍କ ରଜ ଦୋଳି ମୁରୁଜକୁ ଅତିଥି ମାନେ ପ୍ରଶଂସା କରିଥିଲେ । ଆଦିପୁରା ରଜ ମହୋତ୍ସବ କମିଟିର ସଭାପତି ଅଶୋକ କୁମାର ସେନାପତି, ସମ୍ପାଦକ ଶ୍ରୀକାନ୍ତ କୁମାର ସାହୁ, ମୁରବୀ କପିଳେନ୍ଦ୍ର ଦାସ ସକ୍ରିୟ ସହଯୋଗ କରିଥିଲେ ।

## ବିଶ୍ୱ ରକ୍ତଦାତା ଦିବସରେ ୧୦୭ ୟୁନିଟ୍ ରକ୍ତ ସଂଗ୍ରହ




ଢେଙ୍କାନାଳ,୧୫ ।୬(ସମିସ): ବିଶ୍ୱ ରକ୍ତଦାତା ଦିବସ ଅବସରରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଏବଂ ଭାରତୀୟ ରେଡକ୍ରସ ସୋସାଇଟି ଜିଲ୍ଲା ଶାଖା ମିଳିତ ଆନୁକୂଲ୍ୟରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ୩ଟି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଜିଲ୍ଲା ରକ୍ତକେନ୍ଦ୍ର ଅଧିକାରୀ ଡା. ସ୍ୱରୂପ କୁମାର ସାହୁ, ଭାରପ୍ରାପ୍ତ ଅଧିକାରୀ ଡା. ରାଜେଶ ସିଂହ ଏବଂ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ତଥା ରେଡକ୍ରସ ସମ୍ପାଦକ ସୁଦୀପ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରଗୁଡ଼ିକରୁ ମୋଟ ୧୦୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି । ବଜରଙ୍ଗ କ୍ଲବ ପକ୍ଷରୁ ୬୬ ୟୁନିଟ୍, ଭାରତମାତା ସେବା ଅନୁଷ୍ଠାନ ପକ୍ଷରୁ ୨୭ ୟୁନିଟ୍ ଏବଂ ରେଡକ୍ରସ ରାପିଡ୍ ରେସ୍ପନ୍ସ ଗ୍ରୁପ୍ ପକ୍ଷରୁ ୧୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି । ଏହି ଅବସରରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଗୁରୁପ୍ରସାଦ ଜେନା ଏବଂ ଭାରତୀୟ ରେଡକ୍ରସ ସୋସାଇଟି ଉପସଭାପତି ରୋଟାରିଆନ୍ ରାଜକିଶୋର ବେହେରା ଯୋଗଦେଇ ରକ୍ତଦାତା ଦିବସ ପାଳନ ସମ୍ପର୍କରେ କହିଥିଲେ । ଶେଷରେ ସ୍ୱେଚ୍ଛାସେବୀମାନେ କେକ୍ କାଟି ଓ ମିଷ୍ଟାନ୍ନ ବଣ୍ଟନ କରି ବିଶ୍ୱ ରକ୍ତଦାତା ଦିବସ ପାଳନ କରିଥିଲେ । ରକ୍ତକେନ୍ଦ୍ର ଟେକ୍ନିସିଆନ୍ ପରମାନନ୍ଦ ପଣ୍ଡା, ରାକେଶ ବେହେରା, ଅଜୟ ସ୍ୱାଇଁ, ତପନ ଜେନା, ବରୁଣ ସାହୁ, ସୌମ୍ୟରଞ୍ଜନ ମହାନ୍ତି, ମାନସ ବାରିକ, କାର୍ତ୍ତିକ ପଣ୍ଡା ଓ ସୌଭାଗ୍ୟ ମିଶ୍ର ସହଯୋଗ କରିଥିଲେ । କାଦମ୍ବିନୀ ମହାଖୁଡ଼ ଓ ସୌମ୍ୟବ୍ରତ ସାହୁ ଅତିଥି ଏବଂ ରକ୍ତଦାତାମାନଙ୍କୁ ସ୍ୱାଗତ କରିଥିବା ବେଳେ ଶିବପ୍ରସାଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଆସନ୍ତା ୧୭ ତାରିଖ ମହିଷାପାଟସ୍ଥିତ ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ରକ୍ତଦାତା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ରକ୍ତକେନ୍ଦ୍ର ଅଧିକାରୀ ସୂଚନା ଦେଇଛନ୍ତି ।

## ନିଆଁ ଲଗାଇ ହାତୀ ଘଉଡ଼ାଇଲେ ଗ୍ରାମବାସୀ

### କନ୍ତାମିଲା ବିଟ୍ କର୍ମଚାରୀ କରୁଛନ୍ତି କ'ଣ?

ହିନ୍ଦୋଳ,୧୫ ।୬(ସମିସ): ହିନ୍ଦୋଳ ସେକ୍ସନ କନ୍ତାମିଲା ବିଟ୍‌ର ନୂଆକୋଟ ଡିହସାହିରେ ଦଶଟିକିଆ ହାତୀପଲ ଗତକାଲି ରାତିତମାମ ଉତ୍ପାତ କରି ବହୁ କ୍ଷୟକ୍ଷତି କରିଥିଲେ । ଏ ସମ୍ପର୍କରେ ବିଟ୍ କର୍ମଚାରୀଙ୍କୁ ଅବଗତ କରିବାରୁ ଗାଁକୁ ଆସି ହାତୀଦେଖି କିଛି ସମୟରେ ଅନ୍ୟତ୍ର ସ୍ଥାନକୁ ଯାଇଥିଲେ । କିନ୍ତୁ ହାତୀମାନେ ଗାଁରେ ପଶି ବାଡ଼ିଘରେ ପଶି ଜିନିଷ ନଷ୍ଟ କରୁଥିଲେ । ସେମାନଙ୍କୁ ଫୋନ କରିବାରେ କିଛି ଶୁଣି ନ ଥିଲେ । ଫଳରେ ରେଞ୍ଜ ଅଫିସରଙ୍କୁ ଗ୍ରାମବାସୀ ଫୋନ କରିଥିଲେ । ତେବେ ଘଣ୍ଟାଏ ପର୍ଯ୍ୟନ୍ତ କାହାର ଦେଖା ମିଳି ନ ଥିଲା । ଗ୍ରାମର ମହିଳା ପୁରୁଷ ମିଶି ନିଆଁ ଧରି ହାତୀ ଘଉଡ଼ାଇଥିଲେ । ପୁନର୍ବାର ହାତୀମାନେ ଗାଁକୁ ଆସିବାରେ ବାଧ ହୋଇ କଂଟ୍ରୋଲ ରୁମକୁ ଜଣାଇଥିଲେ । ଘଣ୍ଟାଏ ପରେ ରେଞ୍ଜ ଅଫିସରୁ ଆସି ହାତୀ ସ୍କ୍ୱାଡ୍‌କୁ ଡାକିବାରେ ଆସି ପହଞ୍ଚିଲେ । ଗ୍ରାମବାସୀ ଏବଂ ଅଫିସରଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା ସମୟରେ ଅନ୍ୟ ସ୍ଥାନରୁ ହାତୀ ଥିବାର ସୂଚନା ଆସିଥିବା କଥା ପ୍ରକାଶ କରିଥିଲେ । ତେଣୁ ତାଙ୍କୁ ସେଠାକୁ ପଠାଯାଇଥିଲା । କିଛି ବାଟ ଗଲା ପରେ ଜଣେ ଆସି ହାତୀ ମାରିଦେଲା ଓ ଦୁଇ ଜଣ ଲୋକ ମରିଗଲେ ବୋଲି ମିଛକଥା କହିଲେ । ଫଳରେ ଅଫିସର ମଧ୍ୟ ପଳାଇଥିଲେ । ଏସବୁ ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଆସନ୍ତୋଷ ଦେଖାଦେଇଥିଲା । ଏ ସମ୍ପର୍କରେ ହିନ୍ଦୋଳ ରେଞ୍ଜର ତ୍ରିଲୋଚନ ଦେହୁରୀଙ୍କୁ ପଚାରିବାରେ କୁହନ୍ତି ସେ ଛୁଟିରେ ଥିଲେ । ଛୁଟି ବାତିଲ କରି କାଲି କାର୍ଯ୍ୟରେ ଯୋଗଦେବେ ବୋଲି କହିଥିଲେ ।



